ଧରିତ୍ରୀ
DHARITRI
April 14-20, 2024 ₹2/-

ଧରିତ୍ରୀ DHARITRI 50 Years

ଛୁଟିଦିନ

# ହର୍ବାଲ ଜୁସ୍



ସ୍ୱାସ୍ଥ୍ୟ ସଚେତନ ମଣିଷଙ୍କ ପ୍ରଥମ ପସନ୍ଦ ପାଲଟିଛି ହର୍ବାଲ୍ ଜୁସ୍ । ଏହା ଅନ୍ୟ ଜୁସ୍ ଭଳି ସ୍ୱାଦିଷ୍ଟ ନ ହୋଇପାରେ କିନ୍ତୁ ଏହା ସ୍ୱାସ୍ଥ୍ୟୋପଯୋଗୀ। ଭୁବନେଶ୍ୱରରେ ହର୍ବାଲ ଜୁସ୍‌କୁ ଲୋକପ୍ରିୟ କରାଇଥିବା କିଛି ମଣିଷଙ୍କ କଥା...

ପ୍ରଚ୍ଛଦ ପ୍ରସଙ୍ଗ
୩



## ସୁଖସମୃଦ୍ଧି ବୃଦ୍ଧି ପାଇଁ ବାସ୍ତୁ ଉପାୟ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି କିଛି ବିଶେଷ ଉପାୟ ରହିଛି; ଯାହାକୁ ଆପଣାଇଲେ ଘରେ ସୁଖସମୃଦ୍ଧି ବୃଦ୍ଧି ହେବା ସହ ସମ୍ପର୍କରେ ନିବିଡ଼ତା ଆସିଥାଏ। ତା'ସହିତ ଅନେକ ବାଧାବିଘ୍ନରୁ ମଧ୍ୟ ସୁରକ୍ଷା ମିଳିଥାଏ...**

* ପ୍ରତିଦିନ ତୁଳସୀ ଚଉରାରେ ଜଳପ୍ରଦାନ କରିବା ସହ ସନ୍ଧ୍ୟାବେଳେ ଚଉରା ମୂଳରେ ଦୀପ ଜାଳିଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ଏହି କାର୍ଯ୍ୟ ନିଷ୍ଠାର ସହ କଲେ ଜୀବନରେ ଧନ ଓ ସୁଖଶାନ୍ତିର ଅଭାବ କେବେ ବି ଦେଖାଯାଏ ନାହିଁ।



* ଘରର ଉତ୍ତର-ପୂର୍ବ କୋଣରେ କୁବେର ଯନ୍ତ୍ର ସ୍ଥାପନା କରିବା ମଙ୍ଗଳଦାୟକ ହୋଇଥାଏ। ହେଲେ କେବଳ କୁବେର ଯନ୍ତ୍ର ସ୍ଥାପନା କରିଦେଲେ ତ ହେବନି ବୁଝିବିଚାରି ଧନକୁ ଠିକ୍ ବାଟରେ ଖର୍ଚ୍ଚ କଲେ ହିଁ ପ୍ରକୃତ ସୁଖ ମିଳେ ବୋଲି ବିଶ୍ୱାସ ରହିଛି।
* ଆର୍ଥିକ ସ୍ଥିତିକୁ ଦୃଢ଼ କରିବା ପାଇଁ ପ୍ରତିଦିନ ଘରର ଉତ୍ତର-ପୂର୍ବ କୋଣରେ ଗଙ୍ଗାଜଳ ଛିଞ୍ଚିବା ଶୁଭଙ୍କର ହୋଇଥାଏ। ମାନ୍ୟତା ରହିଛି, ଏପରି କଲେ ଘରେ ସକାରାତ୍ମକ ଉର୍ଜା ବି ବଢ଼ିଥାଏ।
* ସେହିପରି ଧନସମ୍ପତ୍ତି ବୃଦ୍ଧି କରିବା ପାଇଁ ଘରର ଦକ୍ଷିଣ-ପଶ୍ଚିମ କୋଣରେ ଆଲମାରି ହେଉ ଅଥବା ଟ୍ରେଜେରିକୁ ଏମିତି ରଖିବେ, ଯେମିତି ଏହାର ମୁହଁ ଉତ୍ତର ଦିଗ ଆଡକୁ ରହୁଥିବ। ଏହି ଉପାୟ ବି ମଣିଷ ଜୀବନରେ ଅନେକ ସକାରାତ୍ମକ ପ୍ରଭାବ ପକାଇଥାଏ।
* ଘରର ଉତ୍ତର-ପୂର୍ବ ଦିଗରେ ଭାରି ଆସବାବପତ୍ର କିମ୍ବା ଚପଲ ଷ୍ଟାଣ୍ଡ ରଖିବା ଆଦୌ ଠିକ୍ ନୁହେଁ। ଏହାଦ୍ୱାରା ବି ଘରେ ନକାରାତ୍ମକ ଉର୍ଜା ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୪-୨୦



**ମେଷ**: ସ୍ୱାସ୍ଥ୍ୟ ଭଲ ରହିବ, ବୈଷୟିକ ଅଭିବୃଦ୍ଧି ଘଟିବ, ପାରିବାରିକ ସ୍ଥିରତା ଆସିବ, କଠିନ ଶ୍ରମ କରିବେ, ଋଣ ପରିଶୋଧ ଚିନ୍ତା ଆସିବ, ଯାତ୍ରାରେ ସୁଫଳ ମିଳିବ, ଯାତ୍ରା ନିମନ୍ତ୍ରଣ ପାଇବେ, ବନ୍ଧୁମିଳନର ସୁଯୋଗ ଜୁଟିବ, ପରୋକ୍ଷଶତ୍ରୁତା ସୃଷ୍ଟିହେବ, ସନ୍ତାନ ଦୁଶ୍ଚିନ୍ତା ଘାରିବ ।।

**ବୃଷ**: କର୍ମକ୍ଷେତ୍ରରେ ଉନ୍ନତି, ସଭାସମିତିରେ ଗୌରବ, ପଡୋଶୀଙ୍କ ତିରସ୍କାର, ବିଶ୍ୱାସରୁ ହଇରାଣ, ଭୁଲ୍ ଖବର ପାଇବେ, କଠିନ ଶ୍ରମ କରିବେ, ଶାରୀରିକ କ୍ଳାନ୍ତି ଆସିବ, ଖର୍ଚ୍ଚଭାର ବଢ଼ିପାରେ, ଯାତ୍ରାସ୍ଥଗିତ ହୋଇଯିବ ।।

**ମିଥୁନ**: ନୂଆଯୋଜନା କରିବେ, ବନ୍ଧୁ ସହଯୋଗ ମିଳିବ, ଆର୍ଥିକଉନ୍ନତି ଘଟିବ, ଦ୍ରବ୍ୟନଷ୍ଟର ଆଶଙ୍କା,ଗୃହ ଶତ୍ରୁତାରୁ ମନ ଅଥୟ, ମନ ବିଚଳିତ ରହିବ, କଚେରୀ ମାମଲା ଜିଣିବେ, ନୂତନନିଯୁକ୍ତିର ସୂଚନା ।।

**କର୍କଟ**: ଉଦ୍ୟମ ବିଫଳ ହେବନି, ଭ୍ରମଣରୁ ଶାନ୍ତି ମିଳିବନି, ମନଟା ଅସ୍ଥିର ରହିବ, ହଜିଥିବା ଧନ ପାଇବେ, ପୈତୃକସମ୍ପତ୍ତିରେ ବିବାଦ, ଭୁଲ କାମ କରିପାରନ୍ତି, ସାମାଜିକ ସ୍ତରରେ ସମ୍ମାନ, ବନ୍ଧୁଦ୍ୱାରକୁ ଗମନ ।।

**ସିଂହ**: ଦୁର୍ବଳତା ଦୂର ହେବ, ବ୍ୟାଙ୍କ ଲୋନ୍ ମିଳିବ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ନୂତନ ନିଯୁକ୍ତି ଖବର, ବନ୍ଧୁଙ୍କ ସୁପରାମର୍ଶ, ଆତ୍ମୀୟଙ୍କ ସହଯୋଗ, ସ୍ଥଗିତକାମ ପାଇଁ କୈଫିୟତ୍, ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ, ସମସ୍ୟା ସମାଧାନ, ଶୁଭଖବରରୁ ଖୁସି ।।

**କନ୍ୟା**: ନୂତନ କର୍ମାରମ୍ଭ, ଆନୁସଙ୍ଗୀକ ସହଯୋଗ, ଫଳପ୍ରଦ ଦୂରଯାତ୍ରା, ସଭାସମିତିରେ ଗୌରବ, ପ୍ରଶାସନିକ ସଫଳତା, ସମ୍ମାନନୀୟ ବ୍ୟକ୍ତିଙ୍କ ସାହାଯ୍ୟ, ଶତ୍ରୁତାର ଅବସାନ, ପ୍ରକାଶନରେ ସମସ୍ୟା, ବିବାଦ ଘେରରେ ପଡିବେ, ଆଇନ ସହାୟତା ପାଇବେନି, ଧାରକରଜ କରିବେ ।।



**ତୁଳା**: ସଭାସମିତିକୁ ନିମନ୍ତ୍ରଣ, ବୁଦ୍ଧିଜିବୀଙ୍କ ପ୍ରଶଂସା, କ୍ରନିକ୍‌ରୋଗରୁ ପୀଡା, ମାନସିକ ଅସ୍ଥିରତା ସୃଷ୍ଟି, ବନ୍ଧୁମିଳନରୁ ଆନନ୍ଦ, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି, ପରିବହନରେ ବିବାଦ, ବନ୍ଧୁ ବିରୋଧ କରିବେ, ଧର୍ମକାର୍ଯ୍ୟ ପାଇଁ ଯୋଜନା ।।

**ବିଛା**: ବୁଝାମଣା ଠିକ୍ ରହିବ, ଶାନ୍ତି ଫେରି ଆସିବ, ଭୋଗବିଳାସରେ ମଜ୍ଜିବେ, ସ୍ୱାସ୍ଥ୍ୟ ସ୍ଥିର ରହିବ, ଅର୍ଥ ପ୍ରାଚୁର୍ଯ୍ୟରୁ ଆନନ୍ଦ, ବନ୍ଧୁଙ୍କ ସ୍ୱାର୍ଥପରତା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଶାରୀରିକ ଅସୁସ୍ଥତା, ରଚନାତ୍ମକ କାମରୁ ପ୍ରଶଂସା, ଯାତ୍ରାକାଳୀନ ଅସୁବିଧା ।।

**ଧନୁ**: ଶୁଭ ଖବରପ୍ରାପ୍ତି, ବନ୍ଧୁଙ୍କ ସାହାଯ୍ୟ, ସୁଯୋଗର ସଦ୍‌ବ୍ୟବହାର, ପଡୋଶୀଙ୍କ କ୍ରୋଧ, କର୍ମାରମ୍ଭରେ ପ୍ରତିବନ୍ଧକ, ଆତ୍ମୀୟଙ୍କ ବିଶ୍ୱାସଘାତକତା, ନିର୍ମାଣକାର୍ଯ୍ୟରେ ଦ୍ୱନ୍ଦ୍ୱ, ପରିବହନରୁ ଲାଭ, ଯାନବାହାନ କ୍ରୟ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ।।

**ମକର**: ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଅସ୍ଥିରତା, ବନ୍ଧୁଙ୍କ ବଦାନ୍ୟତା, ପାରିବାରିକ ଶାନ୍ତି, ଭୁଲ୍ ବୁଝାମଣା ଦୂର ହେବ, ସନ୍ତାନହେତୁକ ଗୌରବ, ସରକାରୀ ସହାୟତା, ତୀର୍ଥାଟନର ସୁଯୋଗ, ସତ୍‌ସଙ୍ଗର ସୁଯୋଗ, ବିବାଦରେ ବିଜୟ, ସ୍ଥଗିତ କାମରେ ଅଗ୍ରଗତି ।।

**କୁମ୍ଭ**: ଉନ୍ନତ ଚିନ୍ତା, ପାରିବାରିକ ସହମତି, ଆତ୍ମୀୟଙ୍କ ସାହାଯ୍ୟ, ଲୋକପ୍ରିୟତା ବୃଦ୍ଧି, ସାମାଜିକ ସମ୍ମାନ, ସହକର୍ମୀଙ୍କ ଦୌରାତ୍ମ୍ୟ, ବନ୍ଧୁ ଭୁଲ୍ ବୁଝିବେ, ଖର୍ଚ୍ଚ ଅଟକଳ କରିବେ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପ୍ରଶାସନିକ ତତ୍ପରତା ।।

**ମୀନ**: କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଶାନ୍ତି ବ୍ୟାହତ, ସମ୍ପର୍କୀୟଙ୍କ ଉପରୁ ଆସ୍ଥାହାନୀ, ସତକଥାରୁ ବିବାଦ, ରାଜନୈତିକ ତତ୍ପରତା, ଅଭିଯୋଗ ଆସିପାରେ, ପାରିବାରିକ ମତାନ୍ତର, ସ୍ନାୟବିକ ଦୁର୍ବଳତା, ଦୂର ଯାତ୍ରାର ମସୁଧା, ବନ୍ଧୁମିଳନରୁ ଆନନ୍ଦ, ବିଦେଶଯାତ୍ରାର ସୁଯୋଗ ।।

## ସ୍କିନ୍ ଆଲର୍ଜିର ଘରୋଇ ଚିକିତ୍ସା



**ଖ**ରାଦିନେ ଝାଳ ବୋହିବା ସହ କେତେକଙ୍କଠାରେ ବିଭିନ୍ନ ପ୍ରକାର ସ୍କିନ୍ ଆଲର୍ଜି ସମସ୍ୟା ଦେଖାଯାଇଥାଏ। କାହାର ଘିମିରି ବାହାରେ ତ କାହା ଶରୀରରେ ନାଲି ନାଲି ଦାଗ ଦେଖାଯାଏ ପୁଣି କାହାର ଦେହ କୁଣ୍ଡାଇ ହୁଏ। ଏହିସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ କେହି କେହି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇଥାନ୍ତି ତ ଆଉ କିଏ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର କ୍ରିମ ଆଣି ଲଗାଇଥାନ୍ତି ; ଯେଉଁଥିପାଇଁ ଅନେକ ଟଙ୍କା ଖର୍ଚ୍ଚ ହୁଏ। କିନ୍ତୁ ଜାଣନ୍ତି କି, ଏମିତି କିଛି ସହଜ ଘରୋଇ ଉପାୟ ରହିଛି ; ଯାହାକୁ ଟ୍ରାଏ କରି ଏହିସବୁ ସ୍କିନ୍ ଆଲର୍ଜିରୁ ସୁବିଧାରେ ମୁକ୍ତି ପାଇହେବ। ଯେମିତି କି: * ସତେଜ ଆଲୋଭେରାରୁ ଖଣ୍ଡେ ଆଣି ତା' ଭିତରର ଲାଳ ଅଂଶକୁ କାଢି ସ୍କିନ୍‌ର ଯେଉଁ ଅଂଶରେ ଆଲର୍ଜି ହୋଇଛି ସେଠାରେ ଲଗାଇବେ ଓ କିଛି ସମୟ ପରେ ଧୋଇଦେବେ। ଏମିତି କିଛିଦିନ କଲେ ଦେଖିବେ ଆଲର୍ଜି ସମସ୍ୟା କମିଯିବ। * ଖରାଦିନେ ସ୍କିନ୍‌ରେ ଦେଖାଯାଉଥିବା ଆଲର୍ଜି ସ୍ଥାନରେ ବରଫ ଖଣ୍ଡ(ସୂତା କପଡ଼ାରେ ଗୁଡ଼ାଇ)କୁ ଧୀରେ ଧୀରେ ମାଲିସ୍ କଲେ ବି କେତେକାଂଶରେ ମୁକ୍ତି ମିଳେ। * ନଡ଼ିଆ ତେଲରେ କିଛି କର୍ପୂରକୁ ଗୁଣ୍ଡ କରି ପକାଇବେ। ପରେ ସେହି ମିଶ୍ରଣକୁ ପ୍ରଭାବିତ ହୋଇଥିବା ସ୍ଥାନରେ ଦିନକୁ ଦୁଇଥର ଲଗାଇଲେ ସ୍କିନ୍ ରାଶେଶ୍ ସମସ୍ୟାରୁ କେତେକାଂଶରେ ମୁକ୍ତି ମିଳିଥାଏ।

## ପାଠକୀୟ

* ଇତିହାସ ସାକ୍ଷୀ ବିଭିନ୍ନ ସମୟରେ ନିଜ ଜନ୍ମମାଟି ଓ ନିଜ ଜନ୍ମଭୂମିର ସ୍ୱାର୍ଥ ପାଇଁ ଅନେକ ଜୀବନକୁ ଉତ୍ସର୍ଗ କରିଥାନ୍ତି ; ଯାହାକୁ ପରବର୍ତ୍ତୀ ସମୟରେ ଲୋକେ ବରପୁତ୍ରର ଆଖ୍ୟା ଦେଇଥାନ୍ତି। ତାଙ୍କ ସ୍ମୃତିଚାରଣ କରିଥାନ୍ତି। ତାଙ୍କ ଜନ୍ମମାଟି ହୋଇଯାଏ ସ୍ମୃତିପୀଠ। ସେମିତି କେତେଜଣ ବରପୁତ୍ରଙ୍କ ଜନ୍ମସ୍ଥାନକୁ ନେଇ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବରପୁତ୍ରଙ୍କ ଜନ୍ମମାଟି'ଟି ବେଶ୍ ମନଛୁଆଁ ହୋଇଥିଲା। 'ଘରର ଉନ୍ନତି କରୁଥିବା ବୃକ୍ଷ', 'ଉପକାରୀ ତରଭୁଜ' ଶୀର୍ଷକ ପାଠ ଦୁଇଟିରୁ ବହୁ ଅଜଣା କଥା ଜାଣିହେଲା।
**– ପ୍ରଣତି ସେଠୀ, ସମ୍ବଲପୁର**
* ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବରପୁତ୍ରଙ୍କ ଜନ୍ମମାଟି' ଶୀର୍ଷକ ଆଲେଖ୍ୟଟି ବେଶ୍ ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟ୍ୟ ନିର୍ଦ୍ଦେଶକ କିଶୋରଚନ୍ଦ୍ର ଖଣ୍ଡୁଆଳଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରେମ' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ଥିଲା। **– କିଶୋର ଚନ୍ଦ୍ର ମହାନ୍ତି, ପୁରୀ**
* ସିନେମା ପୃଷ୍ଠାରେ ସ୍ଥାନିତ 'ଡରୁଛନ୍ତି ସାନ୍ୟା', 'ଯଦି ଶ୍ରଦ୍ଧା ରାଜି ହୋଇଥାଆନ୍ତେ', 'ଅଲରାଉଣ୍ଡର ଫରହାନ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ହୋଇଥିଲା। ସାହିତ୍ୟିକା ନୀହାରିକା ରଥଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା। **– ସ୍ୱପ୍ନାମୟୀ ସାହୁ, ପାରାଦୀପ**
* ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ସାଲୱାର୍ ସୁଟ୍: ଉଚ୍ଚତା କମ୍ ମହିଳାଙ୍କ ପାଇଁ' ପାଠରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା। ମଡେଲ୍ ମିରର୍‌ରେ ମାଧବ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ବି ମଜାଦାର ଥିଲା। ସହର ପୃଷ୍ଠାରୁ 'ଅଚାନକମାର ବନ୍ୟପ୍ରାଣୀ ଅଭୟାରଣ୍ୟ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।
**– ରୂପଶ୍ରୀ ସ୍ୱାଇଁ, ଭୁବନେଶ୍ୱର**
* ବିବିଧା ପୃଷ୍ଠାରେ ସ୍ଥାନିତ 'ସୂର୍ଯ୍ୟମୁଖୀ କାହିଁକି ହୁଏ ସୂର୍ଯ୍ୟମୁହାଁ' ଓ 'ମଇଁଷି ଚରାଳିଙ୍କୁ ୨୫ ହଜାର ଦରମା' ଆଦି ପାଠରୁ ବହୁ ଅଜଣା ତଥା ଉପଯୋଗୀ କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଉପଚାର ଛାଡ଼, କେବଳ ଭାବରେ ତାଙ୍କୁ ଡାକ' ଶୀର୍ଷକ ପାଠରୁ ବହୁ ଉପାଦେୟ କଥା ଶିଖିହେଲା।
**– ପ୍ରଫୁଲ୍ଲ ଦାଶ ମହାପାତ୍ର, ଯାଜପୁର**
* ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବିଛା କ୍ୟାଣ୍ଡି', 'ୟୁଏଫ୍‌ଓ ଭିଲେଜ୍', 'ସ୍କୃ ପୋର୍ଟ୍ରେଟ୍' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ହୋଇଥିଲା। ସେହିପରି ସିନେମା ପାଠଗୁଡ଼ିକ ବେଶ୍ ମନଛୁଆଁ ଲାଗୁଥିଲା। **– ପ୍ରୀତିରଞ୍ଜନ ସାମଲ, କୋରାପୁଟ**

## ବିଶେଷ ଚିଠି



ଏଥରର ପ୍ରଚ୍ଛଦରେ ଥିଲା
ବରପୁତ୍ରଙ୍କ ଜନ୍ମମାଟି,
ଶିଖାଇଲା ଅନେକ କଥା
ଦେଲା ନୂଆ ନୂଆ ଭେଟି।
ସାଥୀ, ସିନେମାର ଖବର
ଲାଗୁଥିଲା ଭାରି ବଢ଼ିଆ,
ତା'ସାଙ୍ଗକୁ ପୁଣି ଖାସ୍ ଥିଲା
ତୁମ ସହରଠୁ ଦୂର ଦୁନିଆ।
ସେଥିପାଇଁ ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଭଲପାଏ ମୁଁ ପ୍ରତିଦିନ।
**– ଶ୍ରଦ୍ଧା ସୁମନ ତ୍ରିପାଠୀ,**
**ବରମୁଣ୍ଡା, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ହର୍ବାଲ ଜୁସ୍

**ସ୍ୱାସ୍ଥ୍ୟ ସଚେତନ ମଣିଷଙ୍କ ପ୍ରଥମ ପସନ୍ଦ ପାଲଟିଛି ହର୍ବାଲ୍ ଜୁସ୍ । ଏହା ଅନ୍ୟ ଜୁସ୍ ଭଳି ସ୍ୱାଦିଷ୍ଟ ନ ହୋଇପାରେ କିନ୍ତୁ ସ୍ୱାସ୍ଥ୍ୟୋପଯୋଗୀ । ଭୁବନେଶ୍ୱରରେ ହର୍ବାଲ ଜୁସ୍‌କୁ ଲୋକପ୍ରିୟ କରାଇଥିବା କିଛି ମଣିଷଙ୍କ କଥା...**







ଦିନଥିଲା ଘରକୁ ଅତିଥି ଆସିଲେ, ତାଙ୍କୁ ପଣା କିମ୍ବା ଫଳରସରେ ତିଆରି ସରବତ୍ ପ୍ରଦାନକରି ଆତିଥ୍ୟ କରାଯାଉଥିଲା । ତେବେ ପରବର୍ତ୍ତୀ ସମୟରେ ସମୟର ଅଭାବ ଓ ବଜାରରେ ମିଳୁଥିବା ଶସ୍ତା ଓ ସୁନ୍ଦର ନାଁ ଲେଖାଥିବା ନାନା ପ୍ରକାରର ମୃଦୁ ପାନୀୟର ବଢିଲା ଆଦର । ଯେଉଁଥିରେ କି ନାନା ପ୍ରକାରର ରାସାୟନିକ ଦ୍ରବ୍ୟ ମିଶାଯାଇଥାଏ । ଏସବୁ ସ୍ୱାଦିଷ୍ଟ ଲାଗୁଥିଲେ ହେଁ ଶରୀର ପାଇଁ ହାନିକାରକ । ତେବେ ଆଜିକାଲି ଅନେକଙ୍କ ମଦ୍ଧ୍ୟରେ ଏନେଇ ସଚେତନତା ବଢିଲାଣି । ତେଣୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅନେକେ ହର୍ବାଲ ଜୁସ୍ ପିଇବାକୁ ପସନ୍ଦ କରୁଛନ୍ତି । ଯାହାକି ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟବର୍ଦ୍ଧକ । ପୁଣି ଏମିତି କିଛି ଜୁସ୍ ଅଛି ଯାହାକୁ ପିଇଲେ ଶରୀର ପାଇଁ ଔଷଧ ପରି କାମ କରେ । ଏମିତି ସ୍ୱାସ୍ଥ୍ୟ ସଚେତନ ଲୋକଙ୍କ ପାଇଁ ଗାଁ ହେଉ କି ସହର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ବିଶେଷ କରି ପାର୍କ ନିକଟରେ ବିଭିନ୍ନ ପ୍ରକାର ହର୍ବାଲ ଜୁସ୍ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ବିଶେଷକରି ସକାଳୁଆ ମର୍ନିଂୱାକ୍‌ରେ ଆସୁଥିବା ଲୋକମାନେ ହର୍ବାଲ ଜୁସ୍ ପିଇବାକୁ ପସନ୍ଦ କରୁଛନ୍ତି । ଯାହାକି ଏବେ ଏକ ଟ୍ରେଣ୍ଡ ପାଲଟିଗଲାଣି ।

**ଲୋକଙ୍କ ଉପକାର ସହିତ ରୋଜଗାର ହେଲା:** ଗାଁ ପାଖରେ ଥିବା ଏକ ରେଷ୍ଟୁରାଣ୍ଟରେ ସେ କାମ କରୁଥିଲେ । ମାସିକ ଯାହା ଦରମା ମିଳୁଥିଲା ସେଥିରେ ତାଙ୍କ ପରିବାର ଚଳିବା କଷ୍ଟ ହେଉଥିଲା । ତେଣୁ ଅଧିକ ରୋଜଗାର ଆଶାରେ ଘରୁ ବାହାରି ସେ ଭୁବନେଶ୍ୱରକୁ ପଳାଇ ଆସିଥିଲେ । ଜଣେ ଶ୍ରମିକ ଭାବେ ବିଭିନ୍ନ କାମ ଅନ୍ୱେଷଣ କରିବାବେଳେ ବିଭିନ୍ନ ପାର୍କ ନିକଟରେ ସକାଳୁଆ ଲୋକଙ୍କ ଭିଡ଼ ଜମୁଥିବାର ତାଙ୍କ ନଜର ପଡ଼ିଲା । ଯେତେବେଳେ ସେ ଜାଣିଲେ ହର୍ବାଲ ଜୁସ୍ ପାଇଁ ଭିଡ଼ ଲାଗିଛି, ତାଙ୍କ ମନରେ ଏକ ନୂଆ ଚିନ୍ତା ଆସିଲା । ଆଉ ସେ ବି ଏହି କାମ କରିବେ ବୋଲି ନିଷ୍ପତ୍ତି ନେଲେ । ସେ ହେଲେ **ବୀରେନ୍ଦ୍ର ରଣା** । ସେ କୁହନ୍ତି, 'ଆମ ଘର ବରଗଡ଼ ଜିଲାର ଗାଇସିଲଟ ବ୍ଲକର ଜାମୁବାହାଲ ଗାଁରେ । ନବମ ଯାଏ ପଢ଼ିଛି । ଗାଁରେ ରହି ବିଭିନ୍ନ କାମଦାମ କରି ଘର ଚଳାଉଥିଲି । ପରେ ଏକ ରେଷ୍ଟୁରାଣ୍ଟରେ କିଛିମାସ ରହିଥିଲି । ମାତ୍ର ଅଳ୍ପ ଦରମା ଯୋଗୁ ପରିବାର ଚଳାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଲି । ଏଥିଯୋଗୁ ମାନସିକ ଦୁଶ୍ଚିନ୍ତା ଲାଗି ରହୁଥାଏ । ଅଧିକ ରୋଜଗାର ଆଶାରେ ଭୁବନେଶ୍ୱର ଆସିଲି । କିଛିଦିନ ଶ୍ରମିକ ଭାବେ କାମ କଲି । ଏମିତିରେ ଥରେ ଜଣେ ଡାକ୍ତର ମ୍ୟାଡାମ ମତେ କିଛି ରୋଜଗାରର ବାଟ ବତାଇଥିଲେ । ଯାହାଦ୍ୱାରା ଲୋକଙ୍କ ଉପକାର ହେବା ସହିତ ମୋର ଦି' ପଇସା ରୋଜଗାର ହୋଇପାରିବ । ତାଙ୍କ କଥା ମୋ ମନକୁ ପାଇଲା । ଏଥିପାଇଁ ପାର୍କ ନିକଟରେ ସକାଳୁ ପ୍ରଥମେ ପ୍ରଥମେ କିଛି ଗହମ ଚାରାକୁ ଆଣି ବିକ୍ରି କଲି । ତା'ପରେ ଏକ ହର୍ବାଲ ଜୁସ୍ ସେଣ୍ଟର ପାଇଁ ମନସ୍ଥ କଲି । ସେବେଠୁ ଆବଶ୍ୟକୀୟ ସାମଗ୍ରୀ କିଣି ବିଭିନ୍ନ ପ୍ରକାରର ହର୍ବାଲ ଜୁସ୍ ବିକ୍ରି କରୁଛି । ପ୍ରତିଦିନ ରାତିରେ ହର୍ବାଲ ଜୁସ୍ ପାଇଁ ଆବଶ୍ୟକ ବିଭିନ୍ନ ଫଳ, ପତ୍ରକୁ ଗ୍ରାଇଣ୍ଡିଂ କରି ରଖିଥାଏ । ସକାଳ ୫ ଟାରେ ଉଠିଲା ପରେ ନିଜର ନିତ୍ୟକର୍ମ ସାରି ହର୍ବାଲ ଜୁସ୍ ବିକ୍ରି ନିମନ୍ତେ ଏକ ସ୍କୁଟିରେ ଆବଶ୍ୟକ ସାମଗ୍ରୀ ଧରି ଆସି ପହଞ୍ଚି ଥାଏ ମଧୁସୂଦନ ପାର୍କ ନିକଟରେ । ଏଠାରେ ସକାଳ ପ୍ରାୟ ୬ଟାରୁ ଦିନ ୧୦ଟା ଯାଏ ଜୁସ୍ ବିକ୍ରି ହୁଏ । ସକାଳୁ ସକାଳୁ ପାର୍କ ବୁଲିବାକୁ ଆସୁଥିବା ବ୍ୟକ୍ତିମାନେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଲାଉ, ପାଣିକଖାରୁ, ଗୁଡ଼ମାରି, ବିଟ, ଗାଜର, ନଣ୍ଡାବଗୁଲି, ଭୃଷିମିଶ୍ରି, ମାଣ୍ଡିଆ ଜାଉ, ଓଟ୍‌ସ, ଗହମ ରସ, ପୋଦିନା, କଞ୍ଚାଅଁଳା, ଜୁଆଣି, ମେଥି ଆଦି ରସକୁ ପିଇଥାନ୍ତି । ଏମିତି ପ୍ରାକୃତିକ ତଥା ଆୟୁର୍ବେଦିକ ଜୁସ୍‌ର ନାଁ ଅନୁସାରେ ପ୍ରତି ଗ୍ଲାସକୁ ୧୦ ଟଙ୍କାରୁ ଆରମ୍ଭ କରି ୨୫ ଟଙ୍କା ଦରରେ ବିକ୍ରି କରାଯାଇଥାଏ । ୩୦/୪୦ଜଣ ନିୟମିତ ଗରାଖ ପ୍ରାୟ ସବୁଦିନ ପୋଦିନା ଓ କଲରା ରସ ନେଇଥାନ୍ତି । ଖରାଦିନେ ହର୍ବାଲ ଜୁସ୍ ପାଇଁ ଶତାଧିକ ଗରାଖ ଆସନ୍ତି । କେବଳ ବର୍ଷାଦିନେ ବେପାର ଟିକେ ମାନ୍ଦା ରହେ । ନଚେତ ଖରା ଓ ଶୀତଦିନେ ଏହି ବେପାର ଭଲ ଚାଲେ । ଆଜକୁ ପ୍ରାୟ ୩ବର୍ଷ ଧରି ଏହି ହର୍ବାଲ ଜୁସ୍ ବିକ୍ରି କରି ଆସୁଛି । ଏଥିରେ ଲୋକଙ୍କ ଚାହିଦା ରହିଛି । ହର୍ବାଲ ଜୁସ୍ କିଣି ପିଉଥିବା ଇଞ୍ଜିନିୟର ଭଗବାନ ଭୂୟାଁ କୁହନ୍ତି, 'ପ୍ରତିଦିନ ମର୍ନିଂ ୱାକ୍‌ରେ ଆସୁଥିବା ବେଳେ ଏଠାରେ ଓଟ୍‌ସ ଏବଂ ଅଁଳା ଜୁସ୍ ପିଇଥାଏ । ଏହା ଶରୀର ପାଇଁ ବହୁ ଉପକାରୀ । ପ୍ରାକୃତିକ ଉପାୟରେ ତିଆରି ଏହି ଜୁସ୍ ପିଇବା ମୋର ନିତିଦିନିଆ ଅଭ୍ୟାସ ହୋଇଯାଇଛି ।

**ଲୋକଙ୍କ କାମରେ ଆସୁଛି ବୋଲି ଆତ୍ମସନ୍ତୋଷ ମିଳୁଛି–** କିଛିବର୍ଷ ଧରି ସେ ଏକ ମାର୍ବଲ କମ୍ପାନୀରେ କାର୍ଯ୍ୟ କରୁଥିଲେ । ଚାକିରିରୁ ଅବସର ପରେ ଆଉ କିଛି ରୋଜଗାର ପାଇଁ ଚିନ୍ତା କଲେ । ଭାବିଲେ ଏମିତି କିଛି ରୋଜଗାର କରିବେ ଯେଉଁଥିରେ ଲୋକ ସୁସ୍ଥ ହେବା ସହ କିଛି ରୋଜଗାର ହେଇପାରୁଥିବ । ଏମିତି ଚିନ୍ତାକରି ୨୦୧୨ମସିହାରୁ ସେ କ୍ରିଷ୍ଣା ହର୍ବାଲ ଜୁସ୍ ସେଣ୍ଟର ନାଁ ଜୁସ ବିକ୍ରି ପାଇଁ ପହଞ୍ଚି ଯାନ୍ତି ମଧୁସୂଦନ ପାର୍କ ଠାରେ । ସେ ହେଲେ **ଦୟାନିଧି କର** । ଘର ବାଲେଶ୍ୱର ଜିଲାର ମାର୍କୋଣା ବ୍ଲକର ବୀର ବ୍ରହ୍ମପୁରରେ । ସେ କୁହନ୍ତି, 'ମୋର ଚାକିରି ସରିଲା ପରେ ଭୁବନେଶ୍ୱରରେ ରହୁଛି । ବଳକା ସମୟକୁ ଉପଯୋଗ କରିବା ପାଇଁ ସକାଳୁଆ ଏହି ବେପାର କରୁଛି । ଏଥିପାଇଁ ପ୍ରତିଦିନ ବିଭିନ୍ନ ପ୍ରକାର ହର୍ବାଲ ସାମଗ୍ରୀ ସଂଗ୍ରହ କରିଥାଏ । ରାତି ୩ଟାରୁ ଉଠି ଆକ୍ୱାଗାର୍ଡରୁ ପାଣି ରଖେ । ତା' ପରେ ହର୍ବାଲ ଜୁସ୍ ନିମନ୍ତେ ଆବଶ୍ୟକ ଅଁଳା, ଅଦା, ତୁଳସୀ, ପୋଦିନା, ଆଲୋଭେରା, କଲରା, ଓଟ୍‌ସ, ହଳଦୀ, ଚିରେଇତା, ଭୃସୁଙ୍ଗ ପତ୍ର, ବିଟ୍, ଗାଜର, ଗହମ ଚାରା, ଗୁଡ଼ମାରି ଆଦି ରସକୁ ଗ୍ରାଇଣ୍ଡିଂ କରିଥାଏ । ନାଣ୍ଡିବାଗୁଲି, ଜୁଆଣିଫୁଲ ଏବଂ ମେଥିକୁ ପାଣିରେ ବତୁରାଇ ଥାଏ । ବେଲ, ଲେମ୍ବୁ ସାଇତି ରଖେ । ପ୍ରତିଦିନ ସକାଳ ୬ରୁ ଦିନ ପ୍ରାୟ ୯ଟା ମଧ୍ୟରେ ଏଠାରେ ହର୍ବାଲ ଜୁସ୍ ପିଇବା ପାଇଁ ଗରାଖମାନେ ଆଗ୍ରହରେ ଆସିଥାନ୍ତି । ନିୟମିତ ପ୍ରାୟ ୮୦ରୁ ୯୦ଜଣଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅଧିକ ପରିମାଣର ବିଭିନ୍ନ ପ୍ରକାର ହର୍ବାଲ ଜୁସ୍ ଆଣିଥାଏ । ଅନ୍ୟପକ୍ଷେ ଦିନକୁ ପ୍ରାୟ ୨୫୦ରୁ ଅଧିକ ଗରାଖ ହର୍ବାଲ ଜୁସ୍ ପିଅନ୍ତି । ବିଭିନ୍ନ ପ୍ରକାର ଜୁସ୍‌ର ଭିନ୍ନ ଭିନ୍ନ ମୂଲ୍ୟ ରହିଛି । ଗ୍ଲାସ ପିଛା ୧୦ଟଙ୍କା ଠାରୁ ଆରମ୍ଭ କରି ପ୍ରାୟ ୨୦ ଟଙ୍କା ଯାଏ ବିକ୍ରି କରେ । ଏଥିରେ ମୋର ଭଲ ରୋଜଗାର ହେଉଛି । ଅନ୍ୟଦିନ ଅପେକ୍ଷା ଖରାଦିନେ ଅଧିକ ପରିମାଣର ମିଶ୍ରି, ଭୃଷି, ନାଣ୍ଡିବାଗୁଲିକୁ ଲୋକ ପସନ୍ଦ କରଥାନ୍ତି । ଅଧିକାଂଶ ଗରାଖ ଦେଶୀ କଲରା ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି । ମର୍ନିଂ ୱାକ୍ କରୁଥିବା ଅନେକ ବ୍ୟକ୍ତି ମୋତେ ଜାଣିଥିବାରୁ ସେମାନଙ୍କ ସହିତ ଏକ ଭିନ୍ନ ପରିଚୟ ସୃଷ୍ଟି ହୋଇପାରିଛି । ଏହି ବେପାରରୁ ଯାହା ରୋଜଗାର ହୁଏ ମୋର ୫ପ୍ରାଣୀ କୁଟୁମ୍ବ ଚଳିଯାଉଛୁ । ବେପାର ସାରି ଘରେ ପ୍ରାୟ ଦିନ ୧୧ଟା ସୁଦ୍ଧା ପହଞ୍ଚି ଯାଏ । ଏହି ହର୍ବାଲ ଜୁସ୍ ଉତ୍ତମ ସ୍ୱାସ୍ଥ୍ୟ ସହ ଉପଚାର କାର୍ଯ୍ୟ କରିଥାଏ ବୋଲି ମତେ ଏହି କାମରେ ଆତ୍ମସନ୍ତୋଷ ମିଳୁଛି ।

→







ଗଗନ



ଖରାଦିନେ ମିଶ୍ରିଦହି ଏବଂ ଶୀତଦିନେ ମାଣ୍ଡିଆ ଜାଉ ଜୁସ୍ ବେଶି ବିକ୍ରି ହୋଇଥାଏ।

**ହର୍ବାଲ ଜୁସ୍ ବିକ୍ରିକୁ ମୁଁ ଜନସେବା ବୋଲି ମନେକରେ–** ଦିନେ ରାୟଗଡ଼ାରୁ ନିଜ ପରିବାର ସହ ଭୁବନେଶ୍ୱର ଚାଲିଆସିଥିବା ଜଣେ ଗୃହିଣୀ ଏବେ ହର୍ବାଲ ଜୁସ୍ ବିକ୍ରିରେ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଲେ **ସୁଧାଂଶୁବାଳା ମହାନ୍ତି,** ଯେକି ଜଣେ ଗ୍ରାଜୁଏଟ୍। ରହୁଛନ୍ତି ଭୁବନେଶ୍ୱର ଟଙ୍କପାଣି ରୋଡ୍ ଅଞ୍ଚଳରରେ। ସେ କୁହନ୍ତି, 'ଆଜକୁ ପ୍ରାୟ ୨୪ବର୍ଷ ତଳେ ଆମେ ରାୟଗଡ଼ାରୁ ଭୁବନେଶ୍ୱରକୁ ଚାଲି ଆସିଥିଲୁ। ଆମ ପରିବାରରେ ୩ଭାଇ, ୩ ଯାଆ ଓ ୪ଜଣ ପିଲା ଏକ ଯୌଥ ପରିବାରରେ ଆମ ଘର ଚଳୁଛି। ଘରେ ରୋଷେଇ ସାରି ସମସ୍ତଙ୍କୁ ଖାଇବା ତଥା ଅନ୍ୟାନ୍ୟ କାମ ସାରିବା ପରେ କିଛି ସମୟ ବଳୁଥିଲା । ସେହି ସମୟରେ କେତୋଟି ଗପ ଓ ଆୟୁର୍ବେଦିକ ପୁସ୍ତକ ପଢ଼ିବାର ସୁଯୋଗ ମିଳିଥିଲା। ସେହି ପୁସ୍ତକରୁ ହର୍ବାଲ ଜୁସ୍ ସମ୍ପର୍କରେ ପ୍ରେରଣା ମିଳିଲା। ଏମିତିରେ ଥରେ ସ୍ୱାମୀଙ୍କୁ କହିଲି ହର୍ବାଲ ଜୁସ୍ ବିକ୍ରି କରିବା। ସେ ଏହି କଥାରେ ଏକମତ ହେଲେ ଏବଂ ମୋତେ ସହଯୋଗ କରିବେ ବୋଲି କଥା ଦେଲେ। ତା' ପରେ ବିଭିନ୍ନ ପ୍ରକାରର ହର୍ବାଲ ଜୁସ୍ ତିଆରି ସମ୍ପର୍କରେ ପୁସ୍ତକରୁ ଶିଖିଲି। ଆଉ ବ୍ୟବସାୟ ଆରମ୍ଭ କଲି। ମଧୁସୂଦନ ପାର୍କରେ ଜୁସ୍ ବିକ୍ରି କଲି। ୩ବର୍ଷ ହେବ ସକାଳ ୬ଟାରୁ ଦିନ ୧୦ଟା ଯାଏ ଜୁସ୍ ବିକ୍ରି କରୁଛି। ସ୍ୱାମୀଙ୍କ ଦ୍ୱାରା ବଜାରରୁ ଆବଶ୍ୟକୀୟ ସାମଗ୍ରୀ କିଣି ଆଣିଥାଏ। ପୂର୍ବ ରାତିରେ ମୁଗ, ବୁଟ ଆଦିକୁ ବତୁରାଇଥାଏ। ସେହିପରି ପ୍ରତିଦିନ ରାତି ପ୍ରାୟ ୧୦ଟାରୁ ବିଭିନ୍ନ ପ୍ରକାରର ଜୁସ୍ ନିମନ୍ତେ ସେହି ସବୁର ରସ ପାଇଁ ଅଁଳା, ହଳଦୀ, ଅଦା, କଲରା, ଗହମ, ଗାଜର ଆଦିକୁ ଗ୍ରାଇଣ୍ଡିଂ କରି ସୁରକ୍ଷିତ ଭାବେ ରଖିଥାଏ । ଜୁଆଣି ଫୁଲକୁ ପାଣିରେ ସିଝାଇଥାଏ। ମେଥି, କୋଳଥକୁ ପାଣିରେ ବତୁରାଇଥାଏ। ପୋଦିନା, ଭୃସୁଙ୍ଗ ପତ୍ରକୁ ବାଟିଥାଏ। ସବୁ ହର୍ବାଲ ସାମଗ୍ରୀକୁ ପ୍ରସ୍ତୁତ କରିସାରିଲା ପରେ ବଡ଼ି ଭୋରରୁ ସ୍କୁଟିରେ ସମସ୍ତ ସାମଗ୍ରୀ ଲଦି ପାର୍କ ନିକଟରେ ପହଞ୍ଚି ଯାଏ। ସକାଳୁ ସକାଳୁ ଏଠାରେ ଯା'ଆସ କରୁଥିବା ବିଭିନ୍ନ ବର୍ଗର ଲୋକମାନେ ହର୍ବାଲ ଜୁସ୍ ପିଇବାକୁ ଆସିଥାନ୍ତି। ହର୍ବାଲ ଜୁସ୍ ମଧ୍ୟରେ ବିଟ୍, ଗାଜର, ହଳଦୀ, କଲରା, ମେଥି, ଜୁଆଣି, ପାଣିକଖାରୁ ଆଦି ରହିଛି। ଗରାଖଙ୍କ ଚାହିଦା ଅନୁସାରେ ପ୍ରତି ଗ୍ଲାସ ହର୍ବାଲ ଜୁସ୍‌ର ମୂଲ୍ୟ ୨୦ଟଙ୍କାରେ ବିକ୍ରି କରିଥାଏ। ପ୍ରତିଦିନ ପ୍ରାୟ ୧୫୦ରୁ ଅଧିକ ଜଣ ଗରାଖ ଏଠାରେ ଜୁସ୍ ପାନ କରିଥାନ୍ତି। ସକାଳୁ ସକାଳୁ ଗରାଖଙ୍କୁ ହର୍ବାଲ ଜୁସ୍ ଦେଉଥିବାରୁ ଖୁସି ଲାଗେ। ଏହା ଏକ ଜନସେବା ବୋଲି ଭାବିଥାଏ। ଏଠାରେ ଅନେକ ବ୍ୟକ୍ତି ଏହି ହର୍ବାଲ ଜୁସ୍ ପାଇଁ ଅଗ୍ରିମ ଅର୍ଡର କରିଥାନ୍ତି। ନିୟମିତ ପ୍ରାୟ ୧୦୦ଜଣ ସେମାନଙ୍କ ଚାହିଦା ମୁତାବକ ହର୍ବାଲ ଜୁସ୍ ନେବା ପାଇଁ ଆସିଥାନ୍ତି। ଏହି କାମରେ ମୋ ସ୍ୱାମୀଙ୍କର ବହୁତ ସହଯୋଗ ରହିଛି। ପରିବାରରେ ଅନ୍ୟମାନେ ବି ଏଥିପାଇଁ ଖୁସି ଅଛନ୍ତି।

**ହର୍ବାଲ ଜୁସ୍ ବିକି ପରିବାର ଚଳାଉଛି–** ଭୁବନେଶ୍ୱରରେ ରହିଛି ଏକାଧିକ ପାର୍କ, ଯେଉଁଠି ସକାଳୁ ସକାଳୁ ଜମୁଛି ବେଶ୍ ଭିଡ଼। କାରଣ ଏଠି ମିଳେ ବିଭିନ୍ନ ପ୍ରକାରର ହର୍ବାଲ ଜୁସ୍। ଏଇ ଯେମିତି ଇନ୍ଦିରା ପାର୍କ ନିକଟରେ **ଦୀପକ ଜେନା** ନାମକ ଜଣେ ବ୍ୟକ୍ତି ବିକ୍ରି କରୁଛନ୍ତି ହର୍ବାଲ୍ ଜୁସ୍। ସେ କିଛିବର୍ଷ ହେବ ବାଙ୍କୀରୁ ଭୁବନେଶ୍ୱରକୁ ଆସି ହର୍ବାଲ ଜୁସ୍ ବିକ୍ରି କରି ପରିବାର ଚଳାଉଛନ୍ତି। ସେ କୁହନ୍ତି, 'ପ୍ରତିଦିନ ସକାଳ ୬ଟାରୁ ୯ଟା ଯାଏ ଏଠାରେ ହର୍ବାଲ ଜୁସ୍ ବିକ୍ରି କରେ। ବିଭିନ୍ନ ପ୍ରକାରର ହର୍ବାଲ ଜୁସର ମୂଲ୍ୟ ଭିନ୍ନଭିନ୍ନ ରହିଛି। ଗ୍ଲାସ ପିଛା ୨୦ଟଙ୍କାରୁ ଆରମ୍ଭ କରି ୩୦ଟଙ୍କାରେ ଜୁସ୍ ବିକ୍ରି କରେ। ବିଶେଷକରି ଦେଶୀ କଲରା ଜୁସ, ନିମ୍ବ, ପସାରୁଣୀ, ପୋଡ଼ାବେଲ, ଆଲୋଭେରା, ଗିଲୟ, ଅର୍ଜୁନ ଛେଲି ଆଦି ବିଭିନ୍ନ ପ୍ରକାରର ହର୍ବାଲ ଜୁସ୍ ବିକ୍ରି କରେ। କେଉଁ ଦିନ କେତେ ବିକ୍ରି ହେଉଛି ସେମିତି କିଛି ନିର୍ଦ୍ଦିଷ୍ଟତା ନାହିଁ। ତଥାପି ପ୍ରତି ଦିନ ପ୍ରାୟ ୬୦ରୁ ୧୦୦ଜଣ ଗ୍ରାହକ ଏଠାକୁ ଆସିଥାନ୍ତି। ସେହିପରି ଅନୁଗୋଳ ଜିଲାରୁ ଆସି ହର୍ବାଲ ଜୁସ୍ ବ୍ୟବସାୟ କରୁଥିବା **ଗଗନ ସାହୁ** କୁହନ୍ତି,'ପ୍ରାୟ ବର୍ଷେ ହେଲା ହର୍ବାଲ ଜୁସ୍ ବିକ୍ରି କରୁଛି। ଖରାଦିନେ ଟିକେ ଅଧିକ ଗରାଖ ଆସୁଛନ୍ତି। ମର୍ନିଂ ୱାକ୍ କରିବାକୁ ଆସୁଥିବା ଗରାଖମାନେ ଏହି ହର୍ବାଲ ଜୁସ୍ ପିଇବାକୁ ଭଲ ପାଆନ୍ତି । ଜୁସ୍‌ର ନାମ ଅନୁସାରେ ପ୍ରତି ଗ୍ଲାସର ମୂଲ୍ୟ ୧୦ଟଙ୍କାରୁ ୨୦ ଟଙ୍କାରେ ବିକ୍ରି କରିଥାଏ।' ଅନ୍ୟପକ୍ଷେ ନୟାଗଡ଼ରୁ ଆସି ଭୁବନେଶ୍ୱରରେ ଆଖୁ ରସ ବିକୁଥିବା **ଶରତ ବେହେରା** କୁହନ୍ତି, '୬ ମାସ ହେଲା ମୁଁ ଏଠାରେ ଆଖୁ ଓ ଲେମ୍ବୁ ରସ ବିକୁଛି ; ଯାହାର ଭଲ ଚାହିଦା ରହିଛି।'

ଏବେ ଲୋକମାନେ ଆସ୍ତେ ଆସ୍ତେ ସ୍ୱାସ୍ଥ୍ୟ ସଚେତନ ହେଲେଣି। ଯେଉଁଥିପାଇଁ ହର୍ବାଲ ଜୁସ୍‌ର ଲୋକପ୍ରିୟତା ବି ବଢିବାରେ ଲାଗିଛି।

**– ବନ ବିହାରୀ ବେହେରା**

## ହର୍ବାଲ ଜୁସ୍‌ର ଔଷଧୀୟ ଗୁଣ

ଆୟୁର୍ବେଦିକ ବିଶେଷଜ୍ଞ **ବାସୁଦେବ ପ୍ରଧାନ** କୁହନ୍ତି, 'ବିଭିନ୍ନ ପ୍ରକାରର ହର୍ବାଲ ଜୁସ୍ ରହିଛି। ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ପ୍ରକୃତିରୁ ମିଳୁଥିବା ଫଳ, ଫୁଲ, ପତ୍ର, ଛେଲି ଓ ଚେର ଆଦି ରସର ନାନା ଉପକାରିତା ରହିଛି। ତେବେ କେଉଁ ରୋଗୀଙ୍କ ପାଇଁ କେଉଁ ପ୍ରକାରର ହର୍ବାଲ ଜୁସ୍ ପ୍ରତିଦିନ ଆବଶ୍ୟକ ରହିଛି ତେବେ ଏହାକୁ ସେବନ କରିବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶର ଆବଶ୍ୟକତା ରହିଛି। କଞ୍ଚା ଅଁଳା ଜୁସ୍ ଖାଲିପେଟରେ ସେବନକଲେ ଉପକାର ମିଳିଥାଏ। କୋଳଥ କ୍ୱାଥକୁ ବ୍ୟବହାର କଲେ ମୂତ୍ରକୃଚ୍ଛ ଏବଂ ପେଟ, ଛାତି ଯନ୍ତ୍ରଣାରୁ ଉପଶମ ମିଳେ। ଘିକୁଆଁରି ରସକୁ ଖାଲିପେଟରେ ସକାଳୁଆ ପାନକଲେ ଅପସ୍ମାର ରୋଗରୁ ଆରାମ ମିଳିଥାଏ। ଏହାକୁ ମହିଳାମାନେ ନିୟମିତ ସେବନକଲେ ମାସିକ ଋତୁସ୍ରାବ ନିୟମିତ ହୋଇଥାଏ। ଚିରେଇତା ପାଣି ପିଇଲେ କୃମିଦୋଷ ନଷ୍ଟ ହୁଏ ଏବଂ ଗ୍ୟାସ୍‌ଜନିତ ରୋଗରୁ ଉପଶମ ମିଳେ। ଅର୍ଜୁନଛେଲିକୁ ସିଝାଇ ତା'ର ପାଣିକୁ ସକାଳୁ ପିଇଲେ ହୃଦ୍‌ରୋଗରେ ଅମୃତ ପରି କାମ କରେ। ଏଥିରେ କାଗେଜି ଲେମ୍ବୁ ଚିପୁଡ଼ି ପିଇଲେ ମୁତ୍ରକୃଚ୍ଛ ରୋଗଦୂର ହୋଇଥାଏ। ଜୁଆଣି ଫୁଲ ସିଝା ପାଣିରେ ପେଟ ଗୋଳମାଳ ଦୂରହୁଏ। ଲାଉ ରସ ପିଇଲେ ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲ କମିଥାଏ। ତା'ସହ କେଶଝଡ଼ିବାରୁ ଉପଶମ ମିଳେ। କଞ୍ଚାହଳଦୀ ରସକୁ ପାନକଲେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। କଲରା ଜୁସ୍ ସେବନ ଦ୍ୱାରା ମଧୁମେହ ରୋଗ ପାଇଁ ଉପକାର ମିଳେ। ଏହା ଶରୀରରେ ଇନସୁଲିନ କ୍ଷରଣରେ ସାହାଯ୍ୟକରେ। ଶତାବରୀ ଜୁସ୍ ପାନକଲେ ସ୍ମରଣ ଶକ୍ତି ବଢିଥାଏ। ନିୟମିତ ତୁଳସୀ ସେବନକଲେ ବହୁ ଉପକାର ମିଳେ। ଗାଜର ଜୁସ୍‌ରେ ଭିଟାମିନ– ଏ, ସି, ଓ, କେ ରହିଛି। ଗାଜର ଜୁସ୍ ପିଇଲେ ଅସ୍ଥିର ପୋଷଣ ପାଇଁ ସହାୟକ ହୋଇଥାଏ। ଅଦା ରସରେ ଅଗ୍ନିମାନ୍ଦ୍ୟ ଓ ଅମ୍ଳପିତରୁ ଉପଶମ ମିଳେ। ଖରାଦିନେ କଞ୍ଚା ଆମ୍ବକୁ ଜୁସ୍‌କରି ପିଇଲେ ଶରୀରରେ ଶକ୍ତି ବୃଦ୍ଧି ହୁଏ। ଅରୁଚି ଦୂର ହୁଏ। ପାଚିଲାବେଲ ଜୁସରେ ରେ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି। ଏହାକୁ ପିଇଲେ ଭୋକ ବଢ଼େ, ପେଟ ଗୋଳମାଳ ଦୂର ହୁଏ।


ଦୀପକ
ବୀରେନ୍ଦ୍ର
ସୁଧାଂଶୁବାଳା

# ଚେହେରା ପାଇଁ ଯୋଗ



**ଆଜିକାଲି ଅତ୍ୟଧିକ ଟେନ୍‌ସନ୍ ଓ ଷ୍ଟ୍ରେସ୍ ଲାଗି କମ୍ ବୟସରେ ବି ଚେହେରା ଡଲ ଦେଖାଯିବା ସହ ରିଙ୍କଲ୍ ଆସିଯାଉଛି। ଫଳରେ ଅନେକେ ନାମୀଦାମୀ ବ୍ରାଣ୍ଡର କସ୍‌ମେଟିକ୍ ବ୍ୟବହାର ପରେ ବି ଆଶାନୁରୂପ ସୁଫଳ ମିଳୁନି। ତେବେ ଜାଣନ୍ତି କି ବିନା ଖର୍ଚ୍ଚରେ କିଛି ସମୟ ଦେଇ ଚେହେରା ପାଇଁ ଯଦି ଯୋଗ କରାଯାଏ, ଚେହେରା ପୁଣି ଥରେ ଗ୍ଲୋ କରିବ। ସେମିତି କିଛି ଚେହେରାର ଯୋଗ ସମ୍ପର୍କରେ...**









**ଫେସ୍ ଟ୍ୟାପିଂ:** ଚେହେରାର ଯୋଗ ଫେସ୍ ଟ୍ୟାପିଂରୁ ଆରମ୍ଭ ହେବା ଭଲ। ଭ୍ରୁଲତା ମଝିରୁ ଟ୍ୟାପ ଆରମ୍ଭ କରି କପାଳ ମଝିକୁ ଯାଆନ୍ତୁ। ପରେ ହେୟାର ଲାଇନ୍ ଯାଏ ଟ୍ୟାପ କରନ୍ତୁ। ପୁଣି ଭ୍ରୁଲତା ମଝିକୁ ଫେରି ଟ୍ୟାପ କରନ୍ତୁ। ଏହାପରେ ଆଖି ଚାରିପଟକୁ ଟ୍ୟାପ କରିବେ। ପରେ ନାକ ତଳକୁ ଟ୍ୟାପ କରି ଦୁଇ ଗାଲ ଆଡକୁ ଟ୍ୟାପ କରି ଚାଲନ୍ତୁ। ଓଠକୁ ଟ୍ୟାପ କରିବା ଭୁଲିବେନି। ଏହାପରେ ଥୋମଣିରୁ ଜ’ ଲାଇନ୍ ଓ କାନ ପର୍ଯ୍ୟନ୍ତ ଟ୍ୟାପ କରନ୍ତୁ। ପରେ ଥେମାଣୀ ତଳ ତଥା ଉପର ବେକରୁ ତଳ ବେକ ଯାଏ ଟ୍ୟାପ କରିବା ସହ ସାଇଡ ବେକ ବି ଟ୍ୟାପ କରିବେ। ଏହି ଯୋଗ ଦ୍ୱାରା ଚେହେରାର ମୁଖ୍ୟ ପଏଣ୍ଟଗୁଡିକରେ ଚାପ ପଡେ। ଚର୍ମରେ ରକ୍ତ ସଞ୍ଚାଳନ ବଢେ। କୋଲାଜେନ ପ୍ରଡକ୍ସନ ବଢେ। ଯଦ୍ୱାରା ଚେହେରାରେ ପ୍ରାକୃତିକ ଚମକ ଆସେ ଓ ସୁସ୍ଥ ରହେ।

**ବେଲୁନ ପରି ମୁହଁ ଫୁଲେଇ:** ପାଟିରେ ପବନ ଭର୍ତ୍ତି କରି ବେଲୁନ ଭଳି ଗାଲ ଫୁଲାନ୍ତୁ। ପରେ ପାଟି ଭିତରର ବାୟୁକୁ ପ୍ରଥମେ ବାମ ଓ ପରେ ଡାହାଣ ଆଡକୁ ବୁଲାନ୍ତୁ। ଏହି ଯୋଗ ଦ୍ୱାରା ଚେହେରାର ସବୁ ମାଂସପେଶୀର ବ୍ୟାୟାମ ହୋଇଯାଏ। ରକ୍ତ ସଞ୍ଚାଳନ ବଢେ। ଏହାଦ୍ୱାରା ଗାଲ ଲିଫ୍ଟ ହେବାସହ ଗାଲ ମାଂସପେଶୀ ଟାଇଟ୍ ହେବ।

**ଫିସ୍ ପୋଜ:** ଗାଲ ଓ ଓଠକୁ ପାଟି ଭିତର ଆଡକୁ ଟାଣି ମାଛ ଭଳି କରନ୍ତୁ। ଆଖିକୁ ଫରଚା ଓ ଖୋଲା ରଖନ୍ତୁ। ଏଭଳି ଅବସ୍ଥାରେ ୩୦ ସେକେଣ୍ଡ ରହିବେ। ଏହାକୁ ୪-୫ ଥର ରିପିଟ କରନ୍ତୁ। ଏହି ଯୋଗରେ ଗାଲ ମାଂସପେଶୀର ଭଲ ବ୍ୟାୟାମ ହୁଏ। ଫଳରେ ଗାଲ ମାଂସପେଶୀ ଟୋନ୍ ହେବା ସହ ଷ୍ଟ୍ରଙ୍ଗ ହୁଏ। ଗାଲର ଫ୍ୟାଟ କମେ। ଫଳରେ ଚେହେରା ସ୍ଲିମ ଓ ୟଙ୍ଗ ଦେଖାଯାଏ।

**ଆଖି ଚାରିପଟେ ଟ୍ୟାପ କରିବା:** ଭ୍ରୁଲତାର ଭିତରପଟୁ ବାହାର ଆଡକୁ ଟ୍ୟାପ କରନ୍ତୁ। ଏଭଳି କିଛି ସମୟ କରିବା ପରେ ଆଖି ଚାରିପଟେ ଗୋଲାକାରରେ ଭଲରେ ଟ୍ୟାପ୍ କରନ୍ତୁ। ଏଭଳି କଲେ ଆଖି ଚାରିପଟେ ଅମ୍ଳଜାନର ପ୍ରବାହ ଭଲରେ ହୁଏ। ଏହାଦ୍ୱାରା ଆଖିର ପଫିନେସ୍ ଓ ଡାର୍କସର୍କଲ ସମସ୍ୟା ଦୂର ହୁଏ।

**କ୍ରୋ’ସ୍ ଫିଟ ପାଇଁ ଯୋଗ:** ବୟସ ବଢିବା ସହ ଆଖି ଓ କାନର ମଝି ଭାଗ ବା ଆଖିର ଦୁଇ ପାର୍ଶ୍ୱରେ କୁଞ୍ଚନ ଆସିଯାଏ। ଯାହାକୁ କ୍ରୋ’ସ୍ ଫିଟ୍ ବୋଲି କୁହାଯାଏ। ଏହାକୁ ଦୂରେଇବା ଲାଗି ଆଖି ଦୁଇ ପାର୍ଶ୍ୱରେ ମଝି ଆଙ୍ଗୁଳି ଓ ତର୍ଜନୀ ଆଙ୍ଗୁଳୀ ରଖି ସେହି ସ୍ଥାନର ଚର୍ମକୁ ଟାଣନ୍ତୁ। ଏହିଭଳି ୨୦-୩୦ ଥର କରିବେ।

**କପାଳ ପାଇଁ ଯୋଗ:** ଟେନ୍‌ସନ୍, ଷ୍ଟ୍ରେସ୍ ପାଇଁ କପାଳରେ ସହଜରେ କୁଞ୍ଚନ ଆସିଯାଏ। ଯଦି ଏହି ଖାସ୍ ଯୋଗ କରାଯାଏ ତେବେ କପାଳର କୁଞ୍ଚନ ଧିରେ ଧିରେ କମିଯିବ। ଏଥିପାଇଁ ପ୍ରଥମେ ଦୁଇ ହାତର ଆଙ୍ଗୁଳିକୁ ଆରାମରେ କପାଳ ଉପରେ ରଖିବାକୁ ହେବ। ଦୁଇ ହାତର ଆଙ୍ଗୁଳି କପାଳ ମଝିରେ ପରସ୍ପର ମୁହାଁ ହୋଇ ରହିବା ଜରୁରୀ। ଏହାପରେ ଚାପ ପକାଇ କପାଳ ମଝିରୁ କାନ ଆଡକୁ ହାତ ଆଣନ୍ତୁ। ଏଭଳି ଏକ ମିନିଟ କରିବେ। ପ୍ରତିଦିନ ଏଭଳି କଲେ ସୁଫଳ ଖୁବ୍ ଶୀଘ୍ର ମିଳିଯିବ।



**ଡବଲ ଚିନ୍ ପାଇଁ:** ଯେଉଁମାନଙ୍କର ଡବଲ ଚିନ୍ ଆସିଯାଇଥାଏ ସେମାନେ ଏହି ଯୋଗ କଲେ ଚେହେରା ସାର୍ପ ହେଇଯିବ। ଏଥିପାଇଁ ପ୍ରଥମେ ଚେହେରାକୁ ଉପରକୁ ଟେକି ସିଲିଂକୁ ଚାହାନ୍ତୁ। ଏହାପରେ ପାଟିକୁ ପୁରା ଖୋଲି ବନ୍ଦ କରନ୍ତୁ। ଏଭଳି ୧୫ ସେକେଣ୍ଡ ପର୍ଯ୍ୟନ୍ତ କରିବେ। ପରେ ମୁଣ୍ଡ ତଳକୁ କରି ନର୍ମାଲ ପୋଜିସନ୍‌କୁ ଆସନ୍ତୁ। ଏଭଳି ୩-୪ ଥର ରିପିଟ୍ କରିବେ।

**ଅନୁଲୋମ ବିଲୋମ:** ଅନୁଲୋମ ବିଲୋମ କଲେ ରକ୍ତ ଓ ମସ୍ତିଷ୍କରେ ଅମ୍ଳଜାନ ପରିମାଣ ବଢେ। ଶରୀରରେ ଉର୍ଜା ବଢେ। ଚେହେରାରେ ଚମକ ଆସେ।

ଏହାବାଦ ବି ଆହୁରି ଅନେକ ଯୋଗ ଅଛି ଯାହାକୁ କଲେ ଚେହେରାର ହଜିଯାଇଥିବା ଚମକ ଫେରିବ।



# ସର୍ଜନର ଉଜ୍ଜ୍ୱଳ ଦିଗନ୍ତ : ଲକ୍ଷ୍ମୀକାନ୍ତ



**କବିତା ଲେଖିବାରେ ସେ ଯେତିକି ଛଳ ଛଳ ଗବେଷଣାଧର୍ମୀ ରଚନାରେ ସେତିକି ନିଷ୍ଠାପର । ସାହିତ୍ୟର ବହୁ କ୍ଷେତ୍ରରେ ନିଜକୁ ନିଃଶେଷ କରି ବୁହାଇ ଦେବାରେ ନିହିତ ଅଛି ତାଙ୍କର ସର୍ଜନାର ସୂତ୍ର ...**





ଜଣେ ବହୁମୁଖୀ ସାରସ୍ୱତ ସାଧକ ହିସାବରେ ଅତୀବ ଆଦରଣୀୟ ସେ । ନିଜର ସର୍ଜନା ସାମର୍ଥ୍ୟକୁ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ସୀମିତ ହେବାକୁ ଦେଇ ନାହାନ୍ତି ସେ । ଆବେଗ ତାଙ୍କର କେତେ ରୂପ ନେଇ ଉଦ୍ଭାସିତ ହୁଏ କଲମ ମୁନରେ ତାହା ତାଙ୍କୁ ନ ପଢ଼ିଲେ ଜାଣିହେବ ନାହିଁ । ତାଙ୍କର ସର୍ଜନର ଉତ୍‌ପ୍ରେରକ ହେଉଛି ଆମ ସାହିତ୍ୟିକ ପରମ୍ପରା । ଜଣେ ସାର୍ଥକ ସ୍ରଷ୍ଟା ହିସାବରେ ତାଙ୍କର ଆଧାର ହେଉଛି ଗଭୀର ଅଧ୍ୟୟନ ଓ ଗବେଷଣା । ନିଜର ପ୍ରତିଟି ସୃଷ୍ଟିରେ ଝଲସି ଉଠେ ତାଙ୍କର ଅନ୍ତଃପ୍ରେରଣା । ସ୍ୱଳ୍ପ ବୟସରୁ କାବ୍ୟକବିତାରେ ମନୋନିବେଶ କରି କବିତା ଲେଖିପାରିଥିବା ଏହି ସ୍ରଷ୍ଟା ନିଜ କଳାକୁ ଯେଉଁଠି ବି ନିୟୋଜିତ କରନ୍ତି ସେଇଠି ତାହା ଫୁଟିଉଠେ ଚରମ ସାମର୍ଥ୍ୟରେ । କୋମଳ ମନରେ କବିତାର ଫୁଲ ଫୁଟାଇଲା ବେଳେ ସେ ଯେତିକି ଛଳ ଛଳ ଗବେଷଣାଧର୍ମୀ ରଚନାମାନ ପ୍ରସ୍ତୁତି କଲାବେଳେ ସେ ସେତିକି ନିଷ୍ଠାପର । ସାହିତ୍ୟର ବହୁ କ୍ଷେତ୍ରରେ ନିଜକୁ ନିଃଶେଷ କରି ବୁହାଇ ଦେବାରେ ନିହିତ ଅଛି ତାଙ୍କର ସର୍ଜନାର ସୂତ୍ର । ସେ ହେଉଛନ୍ତି **ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ,** ଯାହାଙ୍କ ସର୍ଜନ ସାମର୍ଥ୍ୟ ବହୁମୁଖୀ ।

୧୯୫୬ ମସିହାରେ ବାଲେଶ୍ୱର ଜିଲାର ବିଷ୍ଣୁପଦ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଲକ୍ଷ୍ମୀକାନ୍ତ ସତୁରି ଦଶକର ଶେଷଭାଗ ଅର୍ଥାତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପଢ଼ିବା ବେଳକୁ ସାହିତ୍ୟ ପ୍ରତି ଆସକ୍ତ ଓ ଆକର୍ଷିତ ହୋଇପଡ଼ିଥିଲେ । ଲକ୍ଷ୍ମୀକାନ୍ତଙ୍କ ବଡ଼ଭାଇ ସେହି ସମୟର ଜଣେ ଲୋକପ୍ରିୟ ପାଲାଗାୟକ ଥିଲେ, ଯିଏ କି କାନ୍ତ ସାହିତ୍ୟମାଳାର ଦ୍ୱିତୀୟ ଭାଗ ଓ ଆହୁରି ଅନେକ କାବ୍ୟ କବିତା ଓ ଗୀତ ବହି ଘରେ ଆଣି ରଖିଥିଲେ । ଏହାର ପ୍ରଭାବ ତାଙ୍କର କୋମଳମତି ସତ୍ତା ଉପରେ ଢେର ପଡ଼ିଥିଲା । କାନ୍ତ ସାହିତ୍ୟମାଳାର ଅନୁପମ ସୌନ୍ଦର୍ଯ୍ୟ ତାଙ୍କୁ କବିତା ଲେଖିବାର ପ୍ରେରଣା ଦେଇଥିଲା । ନିଜ ହଷ୍ଟେଲର ବିବରଣୀ ସେ 'ହଷ୍ଟେଲ ରହଣି ' କବିତାରେ ଅତ୍ୟନ୍ତ କାବ୍ୟିକ ଢଙ୍ଗରେ କରିବା ସହ 'ଚିଲିକା'କାବ୍ୟକୁ ଅନୁକରଣ କରି ସେ 'ମସ୍ତରାମ ପୋଖରୀ' ନାମକ ଏକ ପୋଖରୀର ଉପାଦେୟତାକୁ କବିତା ଆକାରରେ ସାବ୍ୟସ୍ତ କରିପାରିଥିଲେ । ଲକ୍ଷ୍ମୀକାନ୍ତ କୁହନ୍ତି , 'ଯଦିଓ ଅପରିପକ୍ୱ ଥିଲା ସେହିସବୁ ଲେଖା କିନ୍ତୁ ତହିଁରେ ନିହିତ ଥିବା କ୍ଲିଷ୍ଟ ଶବ୍ଦ ଏବେ ବି ଏଇ ପରିଣତ ବୟସରେ ମୋତେ ଚମକେଇ ଦିଏ ।' କୈଶୋରରେ ପାଲାଗାୟକଙ୍କ ପାଇଁ ଚାରି ପାଞ୍ଚଟି କାବ୍ୟ ରଚନା କରି ପ୍ରଂଶସା ସହ ପ୍ରଚଣ୍ଡ ଆତ୍ମବିଶ୍ୱାସ ଅର୍ଜିଥିବା ଲକ୍ଷ୍ମୀକାନ୍ତ କବିତା କ୍ଷେତ୍ରରେ ଚଞ୍ଚଳ ହୋଇପଡ଼ିଥିଲେ । ସେହି ସମୟର ପ୍ରସିଦ୍ଧ ପତ୍ରିକା 'ଆସନ୍ତା କାଲି' ଓ 'ଡଗର'ରେ ସ୍ୱରଚିତ କବିତା ପ୍ରକାଶିତ ହୋଇ ପ୍ରାରମ୍ଭିକ ପର୍ଯ୍ୟାୟରେ କବିର ମାନ୍ୟତା ପ୍ରାପ୍ତ ଲକ୍ଷ୍ମୀକାନ୍ତ ଆଜିକା ଦିନରେ ରମ୍ୟରଚନା, ହାସ୍ୟରଚନା, କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଅନୁବାଦ, ଶିଶୁସାହିତ୍ୟ, ସମ୍ପାଦନା ଆଦି କ୍ଷେତ୍ରରେ ଆପଣା ପ୍ରଭାବ ଓ ପ୍ରତିଷ୍ଠା ବିସ୍ତାର କରିଛନ୍ତି । ଦାଣ୍ଡି ପେଟେଣ୍ଟ ମେଡ଼ିସିନ, ପ୍ୟାରୋଡ଼ି ପଞ୍ଚବିଂଶତି, ଗୋଲି କବିତା ଶତାଧିକ, ମିତା ପାଇଁ କବିତା , ଆଖି , କେଉଁଠି ଖୋଜିବି ତାଙ୍କୁ, ନେତୃଚରିତମ, ମୁଁ ଦିନେ ଛାତ୍ର ଥିଲି, ପତ୍ନୀ ଚର୍ଚ୍ଚା,ସୁଗମ ସମାଜତତ୍ତ୍ୱ , ରୁଚିର କବିତା ଗୁଚ୍ଛ, ଅବିବାହିତର ଜୀବନସଙ୍ଗିନୀ, ଝର୍କା ପାଖରେ ତିଳୋତ୍ତମା, ପତ୍ନୀ ସହ ପଚିଶ ବର୍ଷ, କବିତାରେ କଥାବାର୍ତ୍ତା, ଫକୀର ମୋହନ ସାହିତ୍ୟ ପରିଷଦର ଇତିହାସ, ଫକୀରମୋହନ କଥା ସାହିତ୍ୟରେ ସମାଜ ଜୀବନ, ହୁଗୁଳିରେ ରାଧାନାଥ, ଓଡ଼ିଆ ରାଇମସ, ଚେସ ଖେଳର କଳା ଓ କୌଶଳ, ଆବୃତ୍ତି କରିବାର କଳା ଓ କୌଶଳ ଭଳି ଅନେକ ଉପଯୋଗୀ ପୁସ୍ତକ ସେ ଭେଟି ଦେଇଛନ୍ତି ଓଡ଼ିଆ ବାଣୀ ଭଣ୍ଡାରକୁ । ତାଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକଗୁଡ଼ିକ ହେଲା ବୈଦ୍ୟଶାସ୍ତ୍ର, ଭୂତକେଳି, ଓଡ଼ିଆ ବ୍ୟଙ୍ଗ ଗଳ୍ପ ସଂକଳନ, ଫକୀରମୋହନ ପରିକ୍ରମା, ଘୋଡ଼ାନାଚ, ଦେଶାତ୍ମବୋଧକ ଓଡ଼ିଆ କବିତା, ରାମାୟଣ ହରିବଂଶ ଓ ଭାରତ ହରିବଂଶ ।

ଶାନ୍ତିନିକେତନରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଲକ୍ଷ୍ମୀକାନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ୍‌ଫିଲ, ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚଡି, ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଡିଲିଟ ଉପାଧି ପ୍ରାପ୍ତ ହୋଇଛନ୍ତି । ଅଧ୍ୟୟନ ଓ ସର୍ଜନର କ୍ଷେତ୍ର ଏତେ ବ୍ୟାପକ ଓ ଗଭୀର ହୋଇଥିଲେ ମଧ୍ୟ ନମ୍ରତାର ସ୍ମିତଟେ ମୁହଁରେ ଖେଳେଇ ସେ ନିଜକୁ କେଉଁଥିରେ ବି ପ୍ରବୀଣ ନୁହନ୍ତି ବୋଲି ସହଜରେ କହିଦେଇପାରନ୍ତି । ପୋଥିପାଠ, କରଣୀ ଅକ୍ଷର ପଢ଼ାରେ ଆଗ୍ରହ ରଖିଥିବା ଲକ୍ଷ୍ମୀକାନ୍ତ ଚେସ୍ ଖେଳିବାକୁ ମଧ୍ୟ ପସନ୍ଦ କରନ୍ତି । ଗୀତ ଲେଖି ଆସର ଜମେଇବାରେ, ଏକାଙ୍କିକା କି ନାଟକ ଲେଖି ପ୍ରଦର୍ଶିତ କରେଇବାରେ ଆନନ୍ଦ ଲାଭ କରୁଥିବା ଏହି ମଣିଷ ଜଣକ ସ୍ୱଭାବତଃ ଖୁବ୍ ଅମାୟିକ, ବନ୍ଧୁବତ୍ସଳ ଏବଂ ଅତ୍ୟନ୍ତ ପାରିବାରିକ । ଓଡ଼ିଶାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଫକୀର ମୋହନ ସାହିତ୍ୟ ପରିଷଦର ତୃତୀୟ ଥର ପାଇଁ ସଭାପତି ଆସନ ଅଳଙ୍କୃତ କରିଥିବା ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନରେ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛନ୍ତି । ଗ୍ରାମାଞ୍ଚଳରେ ସୋମେଶ୍ୱର ସାଂସ୍କୃତିକ ପରିଷଦ ନାମକ ଅନୁଷ୍ଠାନର ସଭାପତି ରହିବା ସଙ୍ଗେ ସଙ୍ଗେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ସେ ଅଧୁନା କାର୍ଯ୍ୟ କରୁଛନ୍ତି ।

ନିଜ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ସେ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ଯଶ ଓ ସମ୍ମାନ ସାଉଁଟିଛନ୍ତି । ବୁଧବାରିଆ ସାହିତ୍ୟ ଆସର, ଧ୍ୱନି ପ୍ରତିଧ୍ୱନି ସାହିତ୍ୟ ସମ୍ମାନ, ପଶ୍ଚିମା ସମ୍ମାନ, ଅଭିନନ୍ଦନ କବି ଫୁଲବାଣୀ, ବାଲେଶ୍ୱର ବିକାଶ ମହୋତ୍ସବ ସମ୍ମାନ , ପ୍ରତିବିମ୍ବ ସମ୍ମାନ, ଦୀନକୃଷ୍ଣ ସ୍ମୃତି ସମ୍ମାନ, ଦେବେନ୍ଦ୍ରନାଥ ଗିରି ସ୍ମୃତି ସାରସ୍ୱତ ଗବେଷଣା ପୁରସ୍କାର, ଫକୀର ମୋହନ ସାହିତ୍ୟ ପରିଷଦ ସମ୍ବର୍ଦ୍ଧନା, ଅର୍ପଣ ସମ୍ମାନ, ବିଦ୍ୟାଭାରତୀ ବ୍ୟଙ୍ଗ ସାହିତ୍ୟ ସମ୍ମାନ, କାନ୍ତକବି ପୁରସ୍କାର, ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ସମ୍ମାନ , ନୀରଦପ୍ରଭା ହାସ୍ୟ ବ୍ୟଙ୍ଗ ସମ୍ମାନ, ରସରାଜ ବଟବିହାରୀ ଦାସ ସ୍ମୃତି ସମ୍ମାନ, ସାରଳା ସାହିତ୍ୟ ସଂସଦ ସାରସ୍ୱତ ପୁରସ୍କାର, ସୁନ୍ଦର ମୋହନ ସ୍ମୃତି ସମ୍ମାନ, ଓଡ଼ିଶା ବୁକ ଏମ୍ପୋରିୟମ ତରଫରୁ ସମ୍ମାନ, ରଙ୍ଗରାଗ ପ୍ରବନ୍ଧ ସାହିତ୍ୟ ସମ୍ମାନ, କବି କବିତା ମହାକୁମ୍ଭ ସମ୍ମାନ ଇତ୍ୟାଦି ଅନେକ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରାପ୍ତ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଆହୁରି ଅନେକ ବୃହତ୍ତର ସୀକୃତିର ଦାବିଦାର ।

**– ମାନମୟୀ ରଥ**
ସେଣ୍ଟ ଜାଭିୟର କିଡ୍ସ , ବାଲିପୁଟ , ପୁରୀ
ମୋ:୭୯୭୮୫୭୯୩୯୯







# ଅଭିଶାପ

ମୂଳ ଲେଖା: ତସଲିମା ନସରିନ୍
ଅନୁବାଦ : ପ୍ରଦୀପ କୁମାର ରାୟ

ପ୍ରେମ ମୋତେ ଏକାବେଳକେ ଭାଙ୍ଗି
ଖଣ୍ଡ ଖଣ୍ଡ କରି ଦେଉଛି,
ମୁଁ ଆଉ ମୁଁ ନାହିଁ, ମୋତେ ମୁଁ ଆଉ ଚିହ୍ନି
ପାରୁନାହିଁ,
ମୋର ଦେହଟାକୁ ପାରୁନାହିଁ, ମନକୁ ବି
ପାରୁନାହିଁ ।
ବୁଲାବୁଲିକୁ ପାରୁନାହିଁ,
ଦୃଷ୍ଟି ଗୁଡ଼ିକୁ ପାରୁନାହିଁ,
କେମିତି କେଜାଣି ଅଦ୍ଭୁତ ହୋଇ ଯାଉଛି,
ବନ୍ଧୁମାନଙ୍କ ଆଡ୍ଡାରେ ଯେତେବେଳେ
ହସିବା ଉଚିତ
ମୁଁ ହସୁ ନାହିଁ, ଯେତେବେଳେ ଦୁଃଖ କରିବା
ଉଚିତ, କରୁନାହିଁ ।
ମନକୁ ଆଦୌ ପ୍ରେମଠାରୁ ଟେକି ଆଣି
କୋଉଠି ମୁହୂର୍ତ୍ତକ ପାଇଁ
ସ୍ଥିର କରି ପାରୁନାହିଁ ।
ସମଗ୍ର ଜଗତରେ ଏବେ ଅନ୍ଧାର ଘନେଇ
ଆସୁଛି,
ଚନ୍ଦ୍ରସୂର୍ଯ୍ୟର ଠିକ ନାହିଁ, ରାତି ଦିନର ଠିକ
ନାହିଁ,
ମୋ'ର ଜୀବନ ଯାଇଛି,
ଜୀବନ ଯାପନ ଯାଇଛି,
ନାଶ ହୋଇଯାଇଛି ।

ଏବେ ଶତ୍ରୁ ପାଇଁ ଯଦି ଅଭିଶାପ ଦେବାକୁ
ହୁଏ କିଛି, ମୁଁ ଆଉ
କହୁନାହିଁ ଯେ ତୋତେ କୁଷ୍ଠ ହେଉ, ତୁ ମରି
ଯା, ତୁ ମର ।
ଏବେ ଖୁବ ସ୍ୱଚ୍ଛନ୍ଦରେ ଏହା କହି ଅଭିଶାପ
ଦେଇ ପାରୁଛି --
ତୁ ପ୍ରେମରେ ପଡ଼ ।

-ଭୁବନେଶ୍ୱର
ମୋ:୯୪୩୭୫୩୪୭୭୩

# ଦେବତାଟିଏ ବି ମରିଯାଏ

-ବିଚିତ୍ର ବିଶ୍ୱାଳ

ନିଜ ଉପରେ ଆସୁଥିବା ସବୁ ବିପଦକୁ ଯାହା ଯେମିତି ସମ୍ଭାଳି ନେଉଥିଲେ ସେମାନେ । ମ୍ୟାଲେରିଆ, ହଇଜା ହେଉ କି ଅଚାନକ ମରୁଡ଼ି ପଡୁ, ଡରି ନ ଯାଇ ସବୁକୁ ଦମ୍ଭ ହୋଇ ସାମ୍ନା କରୁଥିଲେ । ଜଙ୍ଗଲରେ ବୁଲି ଫଳ, କନ୍ଦା, ଶାଗ, ଛତୁ ସଂଗ୍ରହ ହେଉ କି କୋଡ଼୍‌କି ସହିତ ଡଙ୍ଗରର ଛାତି ଚିରି ଫସଲ ଅମଳ କରିବା ହେଉ, ଯେତେ କଷ୍ଟ ପଡୁ ପଛେ ତାଙ୍କ ପାଦ କେବେ ଥକି ଯାଉ ନ ଥିଲା । ରାତିକି ସଲପ ଢାଳେ ପିଇ ଦେଇ ନାଚ ଗୀତରେ ମାତି ଯାଉଥିଲେ ।

କିନ୍ତୁ ଏବେ ବିପଦ ଆସିଥିଲା ତାଙ୍କ ଦେବତା ଉପରକୁ । ଯେଉଁ ଦେବତା ତାଙ୍କୁ ବିପଦ ଆପଦରୁ ରକ୍ଷା କରୁଥିଲା, ତା' ଉପରେ ବିପଦ ପଡ଼ିଲେ ସାହା ହେବ କିଏ ? ଆଦିବାସୀଙ୍କ ମୁଣ୍ଡ ଚକ୍ରି ଖାଇ ଯାଉଥିଲା । ସର୍କାର ଆଦିବାସୀଙ୍କ ଦେବତା ସିଜିମାଳି ପାହାଡ଼କୁ କେଉଁ ଗୋଟେ କମ୍ପାନୀକୁ ବିକ୍ରି କରିଦେଇଥିଲା । ସିଜିମାଳି ଦେବତାର ଛାତି ଫଟେଇ ତା' ଭିତରୁ ବକ୍‌ସାଇଟ୍ କାଢ଼ିବ କମ୍ପାନୀ । ଦେବତା ମରିଗଲେ କେମିତି ବଞ୍ଚିବେ ଆଦିବାସୀ ? ହାଡୁଆ ଦେହରେ ଆଖିଗୁଡ଼ିକ ମିଟିମିଟି ହୋଇ ସେଇ ଦେବତା ଆଡ଼କୁ ଚାହୁଁଥିଲେ । ଖବର ଜଣାପଡ଼ିଲା କ'ଣ ଗୋଟେ ନିର୍ବାଚନୀ ବଣ୍ଡ ଦେଇ ସର୍କାରୀ ଦଳକୁ ତୋଷ କରିଥିଲା କମ୍ପାନୀ । ତେଣୁ ସର୍କାର ସିଜିମାଳିକୁ ଟେକି ଦେଇଥିଲେ କମ୍ପାନୀ ହାତକୁ ।

ଆଦିବାସୀମାନେ ଯେତେ ମୁଣ୍ଡ ବାଡ଼େଇଲେ ବି ସର୍କାର କିମ୍ବା ଆଉ କେହି ଶୁଣିଲେନି । ସିଜିମାଳିରେ ଖଣି ଖୋଲିଲା କମ୍ପାନୀ । ଦେବତାକୁ ରଖିବା ପାଇଁ ଆଦିବାସୀମାନେ ପାଟି ହୁରି କରିବାରୁ ସର୍କାର ବନ୍ଧୁକଧରା ପୋଲିସ ପଠେଇଲା ଗାଁକୁ । କାହାକୁ କାହାକୁ ରାତି ଅଧରେ ଘରୁ ଉଠେଇ ନେଇ ଜେଲରେ ପୂରେଇଲା । ସିଜିମାଳି ଦେବତା ମରିଗଲା । ଆଦିବାସୀମାନେ କାନ୍ଦିଲେ । ମୁଣ୍ଡ କଚାଡ଼ିଲେ । ଦେବତାର ମରିବା ଦୁଃଖରେ କେଇଟା ବୁଢ଼ାଙ୍କର ଧୁକୁଧୁକି ବନ୍ଦ ହୋଇଗଲା ।

ପାଟିରେ ଧୁଙ୍ଗିଆ ପୂରେଇ ଧୂଆଁ ଛାଡ଼ି ଆକାଶର ତାରାକୁ ଚାହିଁ ବିଳିବିଳେଇ ବେଜୁଣୀ କହୁଛି, ଦେବତା ଖଣ୍ଡିଆ ଖାବେରା ହୋଇ ରାଗିଯାଇ ସନିଆ ମାଝି ଦେହରେ ପଶିଯାଇଛି । ସନିଆ ମାଝି କମ୍ପାନୀକୁ ଗାଳି ଦେଉଛି । ସର୍କାରର ମା' ଭଉଣୀ ନେଇ ଶୋଧୁଛି । ସନିଆ ମାଝି ଆଜିକାଲି ଆଉ ବେଶି ଗାଁରେ ଦେଖାଯାଉନି । ରାତିରେ ବନ୍ଧୁକ ଧରି ଜଙ୍ଗଲରେ ବୁଲୁଛି ।

ସିଜିମାଳି ଦେବତା ମରିଗଲା । ଯେଉଁଠୁ ଦିନେ ଧୂପ ଧୂଆଁ ଉଠୁଥିଲା, ସେଠୁ ଏବେ ଫର୍ନେସ୍‌ର ଧୂଆଁ ଉଠୁଛି । ପାଦ ଦେଶରେ ବିଶାଳକାୟ ନୂଆ ରାମ ମନ୍ଦିର ତିଆରି ହୋଇଛି । ବଡ଼ ବଡ଼ ହନୁମାନ ମୂର୍ତ୍ତି ତିଆରି ହୋଇଛି । କିନ୍ତୁ ସମସ୍ତଙ୍କ ଆଖି ଆଗରେ ଦେବତାଟିଏ ମରିଗଲା । ଅବଶ୍ୟ ଦେବତାର ମୃତ୍ୟୁରେ ସର୍କାର କ୍ଷତିପୂରଣ ଘୋଷଣା କରିଛନ୍ତି ।

-ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ :୯୪୩୮୪୬୮୪୭୪

# ଛୁଞ୍ଚି

-ସନ୍ତୋଷ କୁମାର ସେଠୀ

ବଡ ବଡ ଅସ୍ତ୍ର ଭିତରେ
ହଜି ଯିବାର ଭୟରେ
ମ୍ରିୟମାଣ ଥିଲା ସେ ।

ସୃଷ୍ଟି କର୍ତ୍ତା ତା' ମନରେ
ସାହସ ଭରିବାକୁ
ଦେଖେଇଦେଲେ ବାମନ ରୂପ
ଆଶ୍ଚର୍ଯ୍ୟ ଓ ଚମତ୍କୃତ ହେଲା ସେ
ଖୁସି ଓ ଆନନ୍ଦ ଲାଭ ସହ
ତା' ଭିତରେ ବଢିଗଲା ଆତ୍ମବିଶ୍ୱାସ ।

ସେ ଗୁନ୍ଥି ଦେଲା ଫୁଲର ମାଳ
ଦେବତାଙ୍କ ଉଦ୍ଦେଶ୍ୟରେ,
ସେ ବଞ୍ଚେଇଲା ଜୀବନ
ରୋଗ ବେମାରୀରୁ ଉଦ୍ଧାର କରି
ଇଞ୍ଜେକ୍ସନ ରୂପରେ,
ସେ ଦେଲା ଫୁଙ୍ଗୁଳା ଦେହକୁ ବସ୍ତ୍ର,
ଖାଲି ପାଦକୁ ଚପଲ,
ପରସ୍ପରକୁ ସଂଯୁକ୍ତ କରି
ସୂତାକୁ ସାଥୀ କରି ସିଲେଇ ରୂପରେ ।

କାରଣ ସେ ଥିଲା ଛୁଞ୍ଚି ।

ସୃଷ୍ଟି କର୍ତ୍ତା ତାକୁ ଶିଖେଇ ଥିଲେ
ସେ ବଞ୍ଚେଇବ,ଯୋଡିବ,ଗଢିବ
ଆଗକୁ ବଢିବ
ସାନ ହେଲେ ବି
ଦାନ ତା'ର ମହାନ ହେବ ।

- ପୁରୀ
ମୋ:୯୪୩୭୩୦୨୬୧୮









# ଦିଶାଙ୍କ ସେଲ୍‌ଫି

ଦିଶା ପଟାନିଙ୍କର ଏକ ସେଲଫି ଏବେ ବେଶ୍ ଚର୍ଚ୍ଚାରେ । କଥା କ'ଣ କି ସେ ଅଭିନୟ କରୁଥିବା 'କଲ୍‌କି ୨୮୯୮ ଏଡି'ର ଶୁଟିଂ ଏବେ ଚାଲୁ ରହିଛି । ନିକଟରେ ଏହାର ଶୁଟିଂ ସେଟ୍‌ରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ପ୍ରଭାସଙ୍କ ସହ ଏକ ସେଲ୍‌ଫି ନେଇଥିଲେ ଦିଶା । ତା'ପରେ ସେ ଏହାକୁ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି । ଏ ନେଇ ଦିଶା କହନ୍ତି, 'ପ୍ରଭାସ ହେଉଛନ୍ତି ମୋର ଅନ୍ୟତମ ପ୍ରିୟ ଅଭିନେତା । ଏହି ଫିଲ୍ମରେ ମୁଁ ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛି । ଥରେ ଲଞ୍ଚ ବ୍ରେକ୍ ସମୟରେ ତାଙ୍କ ସହ ମୁଁ ଏକ ସେଲ୍‌ଫି ନେଇ ତାକୁ ମୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲି । ଦର୍ଶକ ତାକୁ ବେଶ୍ ପସନ୍ଦ ବି କଲେ । ତେବେ ପ୍ରଭାସଙ୍କ ସହ ମୋର ଏହି ଚଳଚ୍ଚିତ୍ରର କାହାଣୀରେ ନୂତନତ୍ୱ ରହିଛି । ଆଶା ରଖିଛି ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ହେବ ।' ବର୍ତ୍ତମାନ ଏହି ସିନେମାର କେତେକ ସିକ୍ୱେନ୍ସ ଏବଂ ଏକ ଗୀତର ଶୁଟିଂ ଇଟାଲିରେ ଚାଲିଛି । ନାଗ ଅଶ୍ୱିନ ଏହାର କାହଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି । ଏଥିରେ ପ୍ରଭାସ ଏବଂ ଦିଶାଙ୍କ ବ୍ୟତୀତ ଅମିତାଭ ବଚ୍ଚନ, କମଲ ହାସନ ଏବଂ ଦୀପିକା ପାଦୁକୋନଙ୍କୁ ମଧ୍ୟ ଦେଖିବାକୁ ମିଳିବ ।


ଦିଶା

# ପ୍ରେମ ପାଇଁ ଟେନ୍‌ସନ୍


ଶ୍ରଦ୍ଧା


ନୁସରତ

ପ୍ରେମ ପାଇଁ ଟେନ୍‌ସନ୍‌ରେ ପଡିଛନ୍ତି ଶ୍ରଦ୍ଧା କପୁର । ନିକଟରେ ଏକ ମ୍ୟୁଜିକ କନର୍ସଟରେ ଜଣେ ଯୁବକଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା । ଶୁଣିବାକୁ ମିଳୁଛି ଯେ ସେହି ଯୁବକଙ୍କ ସହ ତାଙ୍କର କୁଆଡେ ଇଲୁ ଇଲୁ ଚାଲିଛି । ଏକଥା ଯେତେବେଳେ ହାଟରେ ପଡି ଦାଣ୍ଡରେ ଗଡିଲା ଏବଂ ସେ ବିଷୟରେ ଶ୍ରଦ୍ଧା ଜାଣିବାକୁ ପାଇଲେ, ସେତେବେଳେ ବାଧ୍ୟ ହୋଇ ମୁହଁ ଖୋଲିଛନ୍ତି । ଏପରି ଆଲୋଚନା ବିଷୟରେ ସଫେଇ ଦେଇ ଶ୍ରଦ୍ଧା କହନ୍ତି, 'ମୋତେ ଯାହାଙ୍କ ସହ ମ୍ୟୁଜିକ୍ କନର୍ସଟରେ ଦେଖିବାକୁ ମିଳିଥିଲା, ସେ ମୋ ସାଙ୍ଗ । ତାଙ୍କ ସହ ମୋତେ ଯୋଡି ଅନେକ କିଛି ଆଲୋଚନା ହେଉଛି । ହେଲେ ସେସବୁ ପଛରେ ଆଦୌ ସତ୍ୟତା ନାହିଁ । ସତ କଥା ହେଲା, ଏଭଳି ଭିତ୍ତିହୀନ କଥାକୁ ମୁଁ ଆଦୌ ବିଶ୍ୱାସ କରେନା । ମୁଁ ଯଦି ଚୁପ୍ ରହିଯିବ ତେବେ ସେମାନେ ଭାବିବେ ଯେ ମୌନେ ସମ୍ମତି ଲକ୍ଷଣମ । ତେଣୁ ସେ ବିଷୟରେ ସଫେଇ ଦେବାକୁ ବାଧ୍ୟ ହେଲି ।' ଶ୍ରଦ୍ଧାଙ୍କ ବଲଉଡ୍ ଯାତ୍ରା ଆରମ୍ଭ ହୋଇଥିଲା ୨୦୧୦ରୁ । ଆଉ ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ତିନ ପତି' । ସେ ଅଭିନୟ କରିଥିବା 'ତୁ ଝୁଟି ମେଁ ମକ୍କାର' ଗତ ବର୍ଷ ରିଲିଜ ହୋଇଥିଲା ଏବଂ ଏବେ ତାଙ୍କ ଅଭିନୀତ 'ସ୍ତ୍ରୀ-୨' ଚଳିତ ବର୍ଷ ଅଗଷ୍ଟ ୩୦ରେ ପରଦା ଉପରକୁ ଆସିବ ।

# ଜୋତା କିଣାରେ ମନ

ନୁସରତ ଭରୁଚା ଏବେ ଗୋଟିଏ ଜିନିଷ ପ୍ରତି ମନ ବଳାଇଛନ୍ତି । ତାହା କ'ଣ ଜାଣନ୍ତି ? ଜୋତା କିଣା । ବଜାରକୁ କେତେବେଳେ କେଉଁ ନୂଆ ଜୋତା ଆସୁଛି ତାହାକୁ ଜାଣିବା ପରେ ତାକୁ କିଣିବାକୁ ପଛାଉ ନାହାନ୍ତି । ଏଥିପାଇଁ ତାଙ୍କର କେତେଜଣ ସାଙ୍ଗ ତାଙ୍କୁ 'ଜୋତା ଫ୍ୟାକ୍ଟୋରି' ବୋଲି ସମ୍ବୋଧନ କରୁଛନ୍ତି । ହେଲେ ଜୋତା କିଣା ବିଷୟରେ ନୁସରତ କ'ଣ କହୁଛନ୍ତି ଜାଣିବେନି ? ଏ ନେଇ ସେ କହନ୍ତି, 'ପିଲାଟି ଦିନରୁ ନୂଆ ନୂଆ ଜୋତା ଦେଖିଲେ ତାକୁ କିଣିବାକୁ ଆଗ୍ରହ ପ୍ରକାଶ କରୁଥିଲି । ସେତେବେଳେ ମୋ ପାଖରେ ଏତେ ଜୋତା ଥିଲା ଯେ, ମୋତେ ଜୋତା ଖୋଜି ପିନ୍ଧିବାକୁ ଅନେକ ସମୟ ଲାଗୁଥିଲା । ଅବଶ୍ୟ ପରେ ବିଭିନ୍ନ କାମରେ ବ୍ୟସ୍ତ ରହିବା ଯୋଗୁଁ ଏଭଳି ଅଭ୍ୟାସରେ ଶିଥିଳତା ଦେଖାଦେଇଥିଲା । କିନ୍ତୁ ଏବେ ପୁଣି ଥରେ ନୂଆ ତଥା ନାମୀ ବ୍ରାଣ୍ଡର ଜୋତା କିଣିବା ଆରମ୍ଭ କରିଛି । ମୋର ଏଭଳି ଅଭ୍ୟାସ ଦେଖି ମୋ ସାଙ୍ଗମାନେ ମୋତେ ଜୋତା ଫ୍ୟାକ୍ଟୋରି ବୋଲି ଡାକିଲେଣି । ଏଭଳି ଡାକ ଶୁଣିଲେ ମୋତେ ଖୁସି ଲାଗୁଛି ।' ନୁସରତଙ୍କ ହାତରେ ଏବେ କୌଣସି ନୂଆ ଅଫର ନାହିଁ । ତାଙ୍କ ଅଭିନୀତ ଶେଷ ଫିଲ୍ମଟି ଥିଲା 'ଅକେଲି' ।

# କେମିତି କହିବି ମୁଁ

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'କେମିତି କହିବି ମୁଁ' । ପ୍ରେମର ପରିଭାଷା ପରସ୍ପରକୁ ଜଣାଇବାକୁ ଚଳଚ୍ଚିତ୍ରରେ ଉଭୟ ପ୍ରେମିକା ଏବଂ ପ୍ରେମିକ ମଧ୍ୟରେ ପ୍ରବଳ ଉଦ୍‌ବେଗ ଜାଗ୍ରତ ହୁଏ । ତେବେ ଏହା ପଛରେ କି କାରଣ ଲୁଚି ରହିଥାଏ ଜାଣିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଅପେକ୍ଷା କରନ୍ତୁ ନା ! ଚଳିତ ମାସ ୧୪ ତାରିଖରେ ଏହି ଫିଲ୍ମଟି ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଜୀ ସାର୍ଥକ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ପିନୁ ନାୟକ ଏବଂ ପ୍ରଯୋଜକ ସାଜିଛନ୍ତି ଦେବପ୍ରିୟା ସେନାନାୟକ । ସଂଳାପ ଓ କାହାଣୀ ରଚନା କରିଛନ୍ତି ସାରିକା ସ୍ୱାଇଁ । ଏଥିରେ ସଂଯୋଜିତ ସମସ୍ତ ଗୀତଗୁଡିକୁ ରଚନା କରିଛନ୍ତି ଡା. ନିର୍ମଳ ନାୟକ ଏବଂ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର । ଏହାର ଟାଇଟଲ ଗୀତ ଅମ୍ରିତା ଓ ଅରବିନ୍ଦ ଦତ୍ତ ଗାଇଥିବା ବେଳେ 'ତୁ ଭାରି ସୁନ୍ଦର' ଗୀତଟିକୁ ଗାଇଛନ୍ତି ଅନ୍ତରା ଓ ତାରିକ ଅଜିଜ । ଚିତ୍ରଟିର ବିଭିନ୍ନ ଭୂମିକାରେ ସାପ୍‌ଲିନ ମିଶ୍ର, ସୁମନ ପଟ୍ଟନାୟକ, ସୁମନ୍ତ ଦାଶ, ଶୁଭ୍ରାଂଶୁ ନାୟକ, ବେବି ପ୍ରଧାନ, କୈଳାସ ପାଣିଗ୍ରାହୀ, ଧରିତ୍ରୀ ଖଣ୍ଡୁଆଳ, ଉମାକାନ୍ତ ମୁଦୁଲି, ସପ୍ନା ପୁହାଣ, ମଣ୍ଟୁ ବେହେରା, ତପୁ, ଗୌରବ, ଶୁଭମ, ନିରୁଆ ନିରଂଜନ, ମୁକ୍ତିକାନ୍ତ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ''ଫିଲ୍ମରେ ଅଛି ରହସ୍ୟ ଓ ରୋମାଞ୍ଚ, କାହାଣୀରେ ନୂତନତ୍ୱ ଅଛି, ଯାହା ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ କହିଛନ୍ତି ।''


ସାପ୍ଲିନ୍-ସୁମନ୍ତ

# ଇମୋଶନାଲ ରଣବୀର

ରଣବୀର କପୁର କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା । ବର୍ତ୍ତମାନ ନିର୍ମାଣାଧୀନ ପୌରାଣିକ ଫିଲ୍ମ 'ରାମାୟଣ'ର ଶୁଟିଂ ଚାଲୁ ରହିଛି । ଏଥିରେ ରାମ ଭୂମିକାରେ ଅଭିନୟ କରୁଛନ୍ତି ରଣବୀର କପୁର । ଯେତେବେଳେ ସେ ପ୍ରଥମ ଥର ପାଇଁ ଏଭଳି ଗେଟ୍‌ଅପ୍ ନେଇ ଦର୍ପଣ ସାମନାରେ ଠିଆ ହେଲେ ସେତେବେଳେ ସେ ନିଜକୁ ନିୟନ୍ତ୍ରଣରେ ରଖିପାରିଲେ ନାହିଁ । ନିଜକୁ ରାମ ଗେଟ୍‌ଅପ୍‌ରେ ଦେଖିବା ପରେ ସେ କିଛି ସମୟ ଆଖି ବୁଜି ଠିଆ ହେଲେ । ଆଉ ତା'ପରେ ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା । ଏ ବିଷୟରେ ରଣବୀର କହନ୍ତି, 'ରାମ ଚରିତ୍ରରେ ଅଭିନୟ କରିବା ମୋ ପାଇଁ ଭାଗ୍ୟର କଥା । ସେଦିନ ଯେତେବେଳେ ମୁଁ ଗେଟ୍‌ଅପ୍ ନେଇ ଦର୍ପଣ ଆଗରେ ଠିଆ ହେଲି, ନିଜ ଭାବପ୍ରବଣତାକୁ ରୋକି ପାରି ନ ଥିଲି । ମୋ ଆଖିରୁ ସ୍ୱତଃ ଦୁଇ ଟୋପା ଲୁହ ଗଡି ପଡିଥିଲା ।' ନିତେଶ ତିୱାରୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ସାଇ ପଲ୍ଲବୀ (ସୀତା), ଲାରା ଦତ୍ତା (କୈକେଇ) ସନ୍ନି ଦେଓଲ (ହନୁମାନ) ଏବଂ ୟଶ (ରାବଣ) ମଧ୍ୟ ଅଭିନୟ କରୁଛନ୍ତି ।


ରଣବୀର

# କେବଳ ଦର୍ଶକଙ୍କ ପାଇଁ..

ବିଦ୍ୟା ବାଲାନ ଅଭିନୟରେ କେତେ ପାରଙ୍ଗମ ତାହା କହିବା ବାହୁଲ୍ୟ । ତାଙ୍କର ପ୍ରଥମ ସିନେମା ଥିଲା 'ପରିଣୀତା' । ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାଙ୍କ ଚର୍ଚ୍ଚିତ ଉପନ୍ୟାସ 'ପରିଣୀତା' ଉପରେ ଆଧାରିତ ଏହି ଫିଲ୍ମଟି ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରାଇବାରେ ସକ୍ଷମ ହୋଇଥିଲା । ପ୍ରଦୀପ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ମଧ୍ୟ ବେଶ୍ ଦର୍ଶକାଦୃତ ହୋଇଥିଲା । ତା'ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ ବିଦ୍ୟା । ଏ ନେଇ ସେ କହନ୍ତି, 'ମୋର ପ୍ରଥମ ସିନେମା ଯେ ଏଭଳି ହିଟ୍ ହେବ ତାହା ମୁଁ ବିଶ୍ୱାସ କରି ନ ଥିଲି । ସେହି ଫିଲ୍ମକୁ ଯଦି ଦର୍ଶକ ଗ୍ରହଣ କରି ନଥାନ୍ତେ ତେବେ ହୁଏତ ମୁଁ ଆଜି ବଲିଉଡ୍‌ରେ ନ ଥାନ୍ତି । ଏସବୁ କେବଳ ଦର୍ଶକଙ୍କ ପାଇଁ ସମ୍ଭବ ହୋଇଛି ।' ଏହାପରେ ସେ ଅଭିନୟ କରିଥିବା 'ଲଗେ ରହୋ ମୁନ୍ନା ଭାଇ' ମଧ୍ୟ ତାଙ୍କ କ୍ୟାରିୟରକୁ ବେଶ୍ ମାଇଲେଜ ଦେଇଥିଲା । କିନ୍ତୁ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଏକ ବଙ୍ଗଳା ଫିଲ୍ମ 'ଭାଲୋ ଥାକୋ'ରୁ ବଡ ପରଦା ଜୀବନ ଆରମ୍ଭ କରିଥିଲେ । ବିଦ୍ୟାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି- 'ହେ ବେବି', 'ଭୁଲ ଭୁଲୈୟା', 'ଓମ୍ ଶାନ୍ତି ଓମ୍', 'ପା', 'ଦମ୍ ମାରୋ ଦମ୍', 'ମିଶନ୍ ମଙ୍ଗଲ' ଏବଂ 'ଜଲ୍‌ସା' ।


ବିଦ୍ୟା

# ପ୍ରେମ ରାଇଜରେ ହଜିଲେ ମନ, ଜାଣି ହୁଏ ନାହିଁ ରାତି କି ଦିନ...

**ପ୍ରଶ୍ନ**–ପ୍ରେମର ସୃଷ୍ଟି କେମିତି ହୁଏ ? ଏହାକୁ ନେଇ ଅନେକ ପ୍ରକାର କଥା ଶୁଣିବାକୁ ମିଳେ। ହେଲେ ପ୍ରକୃତରେ ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

–ପ୍ରତୀକ, କଟକ

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। 'ପ୍ରେମ ରାଇଜରେ ହଜିଲେ ମନ, ଜାଣି ହୁଏ ନାହିଁ ରାତି କି ଦିନ'। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ**–ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। ହେଲେ ତାକୁ ମୁଁ ମନରୁ ପାସୋରି ପାରୁନି। କ'ଣ କରିବି ?

–ପ୍ରବୋଧ କୁମାର, ଅନୁଗୋଳ

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦି ଏଣ୍ଡ୍ ହୋଇଯାଇଛି ବୋଲି ଧରିନିଅନ୍ତୁ। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ଏବେ ନୂଆ ପ୍ରେମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୁରୁଣା ପ୍ରେମକୁ ସମ୍ପୂର୍ଣ୍ଣ ଭାବରେ ମନରୁ ପୋଛି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି। କ'ଣ କରିବି ?

–ସୁଜିତ ପତି, ପୁରୀ

**ଉତ୍ତର:** ଯଦି ଜାଣୁଛନ୍ତି କଥା ଏତେବାଟ ଆଗେଇ ଗଲାଣି ତେବେ ଡେରି କରୁଛନ୍ତି କିଆଁ ? ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ। ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।

**ପ୍ରଶ୍ନ**–ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଭାବୁଛି ତାକୁ ମନରୁ ଆଉଟ୍ କରିଦେବି। ହେଲେ ସାହସ ହେଉନି। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

–ଅଜିତ ରାଉତ, ବଡବିଲ, କେନ୍ଦୁଝର

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ଆପଣ ପ୍ରେମ ଆକାଶରେ ତ୍ରିଶଙ୍କୁ ପରି ଝୁଲି ରହିଛନ୍ତି। ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକମେଲିଂ କରିବା ଆରମ୍ଭ କଲାଣି ତା'ହେଲେ ତା'ର ଜଲଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କଦୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର।




## ପ୍ରଥମ ରୋଜଗାର

# ପ୍ରଥମ ଦରମା ଥିଲା ୫୫୦ ଟଙ୍କା

କବି ଅଶୋକ ସାହୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



**ଗ**ଞ୍ଜାମ ଜିଲ୍ଲା ହୁମ୍ମା ନିକଟସ୍ଥ ସୁବଳୟା ଗାଁରେ ମୋ ଜନ୍ମ। ଗାଁ ପ୍ରାଥମିକ ସ୍କୁଲରେ ପଞ୍ଚମ ଯାଏଁ ପଢିବା ପରେ ପ୍ରାୟ ୨ କି.ମି ଦୂରରେ ଥିବା ପାଲୁର ଜଙ୍କସନ୍‌ସ୍ଥିତ ସରକାରୀ ଆଶ୍ରମ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାଁ ଲେଖାଇଲି।
ଏହା ଥିଲା ୧୯୭୭ ମସିହାର ଘଟଣା। ସେତେବେଳେ ଆମ ଘରର ଆର୍ଥିକ ପରିସ୍ଥିତି ସେତେ ଭଲ ନଥିଲା। ବିନା ଚପଲରେ ଚାଲିଚାଲି ସ୍କୁଲ୍‌କୁ ଯିବାକୁ ପଡୁଥିଲା। ଆଉ ସ୍କୁଲ୍ ଯିବା ପୂର୍ବରୁ ଚାଷ କାମରେ ଘର ଲୋକଙ୍କୁ ସାହାଯ୍ୟ କରିବା ଥିଲା ମୋର ନିତିଦିନିଆ କାମ। ସବୁପରେ ବି ମୋର ପାଠ ଭଲ ହେଉଥିଲା। ଯେଉଁଥିପାଇଁ ମାଟ୍ରିକ୍‌ରେ ସ୍କୁଲ୍ ଟପ୍ପର ହୋଇଥିଲି। ତା'ପରେ ଗଞ୍ଜାମ କଲେଜରେ ପଢିଲି। ସେଠାରୁ ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ସାରିବା ପରେ ଭଞ୍ଜନଗର ବନ ବିଭାଗରେ କିରାଣୀ ଚାକିରୀ ପାଇଲି। ଦରମା ମାସକୁ ୫୫୦ ଟଙ୍କା। ୧୯୮୫ ମସିହାରେ ୫୫୦ ଟଙ୍କାର ମୂଲ୍ୟ କିଛି କମ୍ ନଥିଲେ ବି ମୋତେ କିନ୍ତୁ ଅଣ୍ଟୁ ନଥିଲା। କାରଣ ଭଞ୍ଜନଗରରେ ଘରଭଡ଼ା ନେଇ ରହୁଥିଲି। ପ୍ରତିମାସ ଘରଭଡ଼ା ତା'ସାଙ୍ଗକୁ ପୁଣି ଖାଇବା ପିଇବା ଓ ଅନ୍ୟାନ୍ୟ ଖର୍ଚ୍ଚ ; ଏସବୁରେ ଦରମା ଟଙ୍କା କେମିତି ସରି ଯାଉଥିଲା ଜାଣିପାରୁ ନଥିଲି। ଏମିତି କେତେଥର ହେଇଛି ଚାକିରି କଲା ପରେ ବି ବୋଉ ମୋତେ ଓଲଟା ଖର୍ଚ୍ଚ ପାଇଁ ଟଙ୍କା ଦେଇଛି। ସତ କହିବାକୁ ଗଲେ ବୋଉ ହିଁ ଥିଲା ମୋ ଆଦର୍ଶମୟ ଜୀବନର ମାର୍ଗ ଦର୍ଶିକା। ତା'ରି ଆର୍ଶୀବାଦରୁ କିଛିଦିନ ପରେ ଚାକିରିରେ ପଦନ୍ନୋତି ପାଇ କିଛି ଅଧିକା ଦରମା ପାଇଲି। ତା'ପରେ ବୋଉ ପାଇଁ ଗୋଟେ ଶାଢି ଓ ବାପାଙ୍କ ପାଇଁ ଲୁଙ୍ଗି, ଟାୱେଲ୍ କିଣି ତାଙ୍କୁ ଉପହାର ଦେଇଥିଲି ; ସେମାନେ ବହୁତ ଖୁସି ହୋଇଥିଲେ। ପରେ ବିବାହ କରି ଘର ସଂସାର କଲି। ଆଉ ତା'ରି ଭିତରୁ ସମୟ ବାହର କରି ଓଡ଼ିଆରେ ଏମ୍.ଏ ଓ ଲ' ମଧ୍ୟ ପଢିଲି। ଏବେ ମୁଁ ଘୁମୁସର ବନ ବିଭାଗରେ ସେକ୍ସନ ଅଫିସର୍ ଭାବେ କାର୍ଯ୍ୟରତ। ଆପାତତଃ ଭଲରେ ଚଳୁଛି। ତା'ସହିତ ଲେଖାଲେଖିରେ ରୁଚି ଥିବାରୁ କିଛି କବିତା ମଧ୍ୟ ଲେଖିଛି। ଲେଖିବାର ଧାରା କଲେଜ ପଢାବେଳୁ ଆରମ୍ଭ ହୋଇଛି। ଯା'ଭିତରେ 'ଅନ୍ତହୀନ ଅନ୍ତର୍ଦାହ', 'ଛାଇ', 'ଢେଉ ସାମ୍ନାରେ' ଶୀର୍ଷକ ୩ଟି କବିତା ସଂକଳନ ମୋର ପ୍ରକାଶ ପାଇସାରିଛି। ତା'ସହିତ ବନ ଚେତନା ସମ୍ପର୍କିତ ପ୍ରବନ୍ଧ ତଥ୍ୟ ଓ କବିତା ପୁସ୍ତକ 'ବନ ସାଥୀ' ବି ପ୍ରକାଶ ପାଇ ଅନେକ ପାଠକୀୟ ପ୍ରଶଂସା ପାଇଛି। ସେହିପରି 'ଭକ୍ତି ନୈବେଦ୍ୟ' ଶୀର୍ଷକ ଏକ ଜଣାଣ ଗୀତି ସଂକଳନ ବି ମୋର ରହିଛି। ତଥାପି ଲେଖାର ଅନ୍ତ ନାହିଁ କି ତୃଷ୍ଣା ମେଣ୍ଟି ନାହିଁ। ଏବେ ବି ଲେଖା ଜାରି ରହିଛି। ଏଥିସହିତ ଏକ ଐତିହ୍ୟ ସଂସ୍କୃତି ଭାଷା ସଂଗଠନ କରିଛି ଏବଂ ଦନ୍ତପୁର ଐତିହ୍ୟ ସଂସ୍କୃତି ଉପରେ ମଧ୍ୟ ଗବେଷଣା କରୁଛି। ଏତେ ସବୁ ଖୁସି ଭିତରେ ବି ଗୋଟେ ଦୁଃଖର ବିଷୟ ହେଉଛି ଯେ, ଏବେ ମୋ ପାଖରେ ଆଉ ମୋ ବୋଉ ନାହିଁ। ତା'ର ସେହି ମମତାଭରା ପଣନକାନିକୁ ଭାରି ଝୁରୁଛି।





# ରେନ୍‌ବୋ ଶାଢ଼ି

**ରେନ୍‌ବୋ ଶାଢ଼ି ବା ଇନ୍ଦ୍ରଧନୁ ପରି ନାନାଦି ରଙ୍ଗକୁ ମିଶାଇ ମଲ୍ଟି କଲର୍‌ରେ ଆସୁଥିବା ଶାଢ଼ିର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ଏହା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗୁଛି ପିନ୍ଧିଲେ ବି ସେମିତି ଟ୍ରେଣ୍ଡି ଲୁକ୍ ଦେଉଛି। ତା’ହେଲେ ଆସନ୍ତୁ ଜାଣିବା ରେନ୍‌ବୋ ଶାଢ଼ିର କିଛି ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...**

...............

- **ସିକ୍ୱେନ୍ସ ଶାଢ଼ି:** ରେନ୍‌ବୋ ବା ମଲ୍ଟି କଲର୍‌ରେ ଆସୁଥିବା ସିକ୍ୱେନ୍ସ ଶାଢ଼ି ପାର୍ଟି ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ। ତେବେ ଏହି ଟାଇପ୍‌ର ଶାଢ଼ି ସାଙ୍ଗକୁ ଡାଇମଣ୍ଡ ହେଉ ଅଥବା ପର୍ଲ ଜୁଏଲେରୀ ପରଫେକ୍ଟ ମ୍ୟାଚ୍ କରିଥାଏ।
- **ସିଫନ୍ ରେନ୍‌ବୋ ଶାଢ଼ି:** ମଲ୍ଟି ଶେଡ୍ ଲାଇନ୍ ଡିଜାଇନ୍‌ରେ ଆସୁଥିବା ସିଫନ୍ ରେନ୍‌ବୋ ଶାଢ଼ି ବି ବେଶ୍ ସୁନ୍ଦର ଲାଗିଥାଏ ପିନ୍ଧିବାକୁ। ଆଉ ଏହି ଟାଇପ୍‌ର ଶାଢ଼ିକୁ ଯେ କୌଣସି ସମୟରେ ବି ପିନ୍ଧିହୁଏ। ବିଶେଷକରି ଏହି ଶାଢ଼ି ସାଙ୍ଗରେ ମାଜେଣ୍ଟା ପିଙ୍କ କଲର୍‌ର ବ୍ଲାଉଜ୍ ଏବଂ ହାଲ୍‌କା ମେକ୍‌ଅପ୍ ନେଲେ ଆକର୍ଷଣୀୟ ଲୁକ୍ ମିଳେ।
- **ଟାଇ ଅନ୍ ଡାଇ ଶାଢ଼ି:** ସେଲିବ୍ରିଟିଙ୍କ ଭିତରେ ଏହି ଶାଢ଼ିର ଟ୍ରେଣ୍ଡ ଖୁବ୍ ଚାଲିଥାଏ। କାରଣ ଏହାର ଫାବ୍ରିକ୍ ବେଶ୍ ହାଲ୍‌କା ହୋଇଥାଏ। ଏବେ ଏହି ଫାବ୍ରିକ୍‌ର ରେନ୍‌ବୋ ଶାଢ଼ି ବି ଆସିଲାଣି ; ଯାହାର ଖୁବ୍ ଚାହିଦା ରହୁଛି। ତେବେ ଏହି ଟାଇପ୍‌ର ଶାଢ଼ି ସାଙ୍ଗକୁ ସାଟିନ୍ ଫାବ୍ରିକ୍‌ର ବ୍ଲାଉଜ୍ ଓ ମ୍ୟାଚିଂ ଜୁଏଲେରୀ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ମିଳିଥାଏ।
- **ଜର୍ଜେଟ୍ ରେନ୍‌ବୋ ଶାଢ଼ି:** ଏହି ଶାଢ଼ିର ଚାହିଦା ସବୁବେଳେ ରହିଥାଏ। ହାଲ୍‌କା ଫାବ୍ରିକ୍‌ରେ ଆସୁଥିବା ଏହି ଶାଢ଼ିକୁ ଅଫିସ୍ ହେଉ ଅଥବା କାଜୁଆଲ୍ ପାର୍ଟିରେ ପିନ୍ଧି ଡିଫରେଣ୍ଟ ଲୁକ୍ ପାଇହୁଏ। ଏହା ସହିତ ମ୍ୟାଚିଂ ବ୍ଲାଉଜ୍, ମ୍ୟାଚିଂ ଜୁଏଲେରୀ ଓ ହାଲ୍‌କା ମେକ୍‌ଅପ୍ ନେଇ ତ୍ରୁଟି ଖୋଲା ଛାଡିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।
- **ମାଜେଷ୍ଟିକ୍ ପେଷ୍ଟାଲ୍ ରେନ୍‌ବୋ ଶାଢ଼ି:** ଏହି ଶାଢ଼ି ରିଫ୍ରେଶିଂ ଲୁକ୍ ଦେଇଥାଏ। ଲାଇଟ୍ କଲର୍‌ରେ ଆସୁଥିବା ଏହି ଶାଢ଼ି ଦେଖିବାକୁ ସେତେ ଗର୍ଜିୟସ୍ ନ ଲାଗିଲେ ବି ସୋବର୍ ଲୁକ୍ ଦେଇଥାଏ। ଏହି ଟାଇପ୍‌ର ଶାଢ଼ି ସାଙ୍ଗକୁ ଲାଇଟ୍ ଷ୍ଟୋନ୍ ୱାର୍କ ବାଲା ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ଭଲ ଦେଖାଯାଇଥାଏ।
- **କଟନ୍ ସିଲ୍କ ରେନ୍‌ବୋ ଶାଢ଼ି:** ଏହି ଟାଇପ୍‌ର ଶାଢ଼ିକୁ ଡେଲି ୟୁଜ୍ କରିହେବ। ବିଶେଷକରି ଖରାଦିନ ପାଇଁ ଏହି ଶାଢ଼ି ପରଫେକ୍ଟ ହୋଇଥାଏ।





## କିଛି ଜରୁରୀ ଟିପ୍ସ

- ରେନ୍‌ବୋ ଶାଢ଼ି ମଲ୍ଟି କଲର୍‌ର ହୋଇଥିବାରୁ ଏହାକୁ ଡ୍ରାଏ କ୍ଲିନ୍ କରିବା ଜରୁରୀ ହୋଇଥାଏ। ନଚେତ୍ କଲର୍ ଧୋଇ ଯାଇ ଶାଢ଼ି ସାରା ପ୍ୟାଚ୍ ପ୍ୟାଚ୍ ଦାଗ ଲାଗି ଯିବାର ସମ୍ଭାବନା ଥାଏ।
- ସେହିପରି ରେନ୍‌ବୋ ଶାଢ଼ିକୁ ଖରାରେ ବେଶୀ ସମୟ ଶୁଖାଇବା ବି ଠିକ୍ ନୁହେଁ, ନଚେତ୍ କଲର୍ ଉଡିଯିବାର ଆଶଙ୍କା ଥାଏ।
- ଏହି ଟାଇପ୍‌ର ଶାଢ଼ି ପିନ୍ଧିବା ସମୟରେ ଯେତେ ହାଲ୍‌କା ମେକ୍‌ଅପ୍ ନେବେ ସେତେ ଭଲ। ତା’ସହିତ ହେଭି ଜୁଏଲେରୀ ନ ପିନ୍ଧି ଲାଇଟ୍ ୱେଟ୍ ଜୁଏଲେରୀ ପିନ୍ଧିବା ସର୍ବୋତ୍ତମ।




## ହାଃ ହାଃ

### ଫର୍ମୁଲା

କେମେଷ୍ଟ୍ରି ପଢାଇବାବେଳେ ଶିକ୍ଷକ- ପାଣିର ଫର୍ମୁଲା କୁହ ?

ପପୁ- H2o+Mgcl2+ Caso4+Al-cl3+Co2+HNO3

ଶିକ୍ଷକ ରାଗିକି- ଗଧ କୋଉଠିକାର। ପୂରା ଭୁଲ୍ କହିଲୁ।

ପପୁ- ନାଇଁ ସାର୍ ଠିକ୍ କହିଛି। ଏଇଟା ନାଳ ପାଣିର ଫର୍ମୁଲା।

### ପାଳି

ମୀନା ରୂପାକୁ- ଆଜି ମୁଁ ଆମ ପଡୋଶୀ ଆଣ୍ଟିଙ୍କୁ ପାନେ ଦେଇଛି।

ରୂପା-କଥାଟା କ'ଣ ମତେ ଭଲରେ କହିଲୁ।

ମୀନା- ସାଇପଡିଶାରେ ଯାହାର ବି ବାହାଘର ହୁଏ ସବୁବେଳେ ସେ ମୋ ଗାଲ ଚିପି କହନ୍ତି, 'ଏବେ ତୋ ପାଳି ଆସୁଛି।' ମତେ ଭାରି ରାଗଲାଗେ।

ରୂପା- ଓଃ, ତେବେ ତୁ ତାଙ୍କୁ ପାନେ କେମିତି ଚଖେଇଲୁ ?

ମୀନା- କାଲି ଆମ ସାହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଗଲା। ମୁଁ କ'ଣ କଲିନା ସେ ଆଣ୍ଟିଙ୍କ ପାଖକୁ ଯାଇ ତାଙ୍କ ହାତକୁ ଧରି କହିଲି- 'ୟା ପରେ ବୋଧେ ଆପଣଙ୍କ ପାଳି ଆସିବ।'

### ମେଲ୍ ଫିମେଲ୍

ଯୁବକକୁ ଯୁବତୀ- କ'ଣ କରୁଛ ?

ଯୁବକ-ମଶା ମାରୁଛି।

ଯୁବତୀ- କେତେଟା ମାରିଲ ?

ଯୁବକ- ୫ଟା। ତିନୋଟି ଫିମେଲ୍, ଦୁଇଟି ମେଲ୍।

ଯୁବତୀ- ତମେ କେମିତି ଜାଣିଲ, ସେ ମେଲ୍ ନା ଫିମେଲ୍ ବୋଲି।

ଯୁବକ-ସେଥିରୁ ୩ଟି ମଶା ଆଇନା ପାଖରେ ଓ ୨ଟି ବିୟର୍ ପାଖରେ ବସିଥିଲେ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ଲୋକପ୍ରିୟ ଜଳପ୍ରପାତ

**ଉଚ୍ଚ ଉଚ୍ଚ ପାହାଡରୁ ଝରୁଥିବା ଜଳପ୍ରପାତର ଦୃଶ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ। ବ୍ୟସ୍ତମୟ ଜୀବନରୁ ସମୟ ବାହାର କରି କେଉଁ ଏକ ଜଳପ୍ରପାତ ଆଡ଼େ ଟିକେ ବୁଲିଆସିଲେ ମନ ପ୍ରଫୁଲ୍ଲିତ ହୋଇଯାଏ। ସ୍ୱଳ୍ପ ସମୟ ପାଇଁ ହେଉନା କାହିଁକି ଲାଗେ ସତେ ଯେମିତି ମନରେ କିଛି ବି ଚିନ୍ତା କି ଅବସୋସ ନାହିଁ ...**





ଜଳପ୍ରପାତ ବା ଝରଣାର ଆକର୍ଷଣ ସବୁବେଳେ ନିଆରା। ଉଚ୍ଚ ଉଚ୍ଚ ପାହାଡରୁ ଝରୁଥିବା ଜଳପ୍ରପାତର ଦୃଶ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ। ବ୍ୟସ୍ତମୟ ଜୀବନରୁ କିଛି ସମୟ ବାହାର କରି କେଉଁ ଏକ ଜଳପ୍ରପାତ ଆଡ଼େ ଟିକେ ବୁଲିଆସିଲେ ମନ ପ୍ରଫୁଲ୍ଲିତ ହୋଇଯାଏ ଓ ଶରୀରକୁ ବେଶ୍ ତାଜା ଅନୁଭବ ହୁଏ। ଆଉ ସବୁଠୁ ଆନନ୍ଦ ଦିଏ କେତେକ ଜଳପ୍ରପାତର ଶୀତଳ ଜଳରାଶିରେ ଟିକେ ଗାଧୋଇ ପଡିଲେ। ସ୍ୱଳ୍ପ ସମୟ ପାଇଁ ହେଉନା କାହିଁକି ଲାଗେ ସତେ ଯେମିତି ମନରେ କିଛି ବି ଚିନ୍ତା କି ଅବସୋସ ନାହିଁ। ଖାସ୍ ସେଥିପାଇଁ ଏଥରର ଏହି ଆଲେଖ୍ୟରେ ଭାରତର କେତୋଟି ଆକର୍ଷଣୀୟ ଜଳପ୍ରପାତ ସମ୍ପର୍କରେ ଉଲ୍ଲେଖ କରାଯାଇଛି ; ଯାହା ନିଜର ଆକର୍ଷଣୀୟ ପ୍ରାକୃତିକ ପରିବେଶ ପାଇଁ ଆଗନ୍ତୁକଙ୍କୁ ବେଶ୍ ଆକୃଷ୍ଟ କରୁଛି।

**ଜୋଗ ଜଳପ୍ରପାତ:** କର୍ନାଟକର ଏକ ଆକର୍ଷଣୀୟ ଜଳପ୍ରପାତ ହେଉଛି ଏହି ଜୋଗ ଜଳପ୍ରପାତ ; ଯାହା ଉତ୍ତର କନ୍ନଡ଼ ଓ ଶିମୋଗା ଜିଲାର ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହି ଜଳପ୍ରପାତଟି ସ୍ଥାନୀୟ ଶରାବତୀ ନଦୀରୁ ବାହାରିଛି। ସୂଚନାନୁଯାୟୀ, ଏହି ଜଳପ୍ରପାତଟିର ଉଚ୍ଚତା ପ୍ରାୟ ୨୫୩ ମିଟର ହେବ। ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ଭରା ଏହି ଜଳପ୍ରପାତଟିର ଆଖାପାଖ ଅଞ୍ଚଳ ଦେଖିବାକୁ ବି ବେଶ୍ ମନୋରମ ହୋଇଥାଏ। ସେଥିପାଇଁ ତ ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମୁଥିବାର ଦେଖିବାକୁ ମିଳେ। ଜନଗହଳି ପରିବେଶଠାରୁ ଦୂରରେ ଥିବା ଏହି ସ୍ଥାନରେ ପିକ୍‌ନିକ୍ କରିବାକୁ ବି ବେଶ୍ ମଜା ଲାଗେ। ସ୍ଥାନୀୟ ଲିଙ୍ଗନାମାକ୍କି ଡ୍ୟାମ୍ ହେଉଛି ଏହି ଜଳପ୍ରପାତ ନିକଟରେ ଥିବା ଅନ୍ୟତମ ଦର୍ଶନୀୟ ସ୍ଥାନ ; ପର୍ଯ୍ୟଟକ ଚାହିଁଲେ ଏଠାକୁ ବି ବୁଲି ଯାଇପାରିବେ।

**ଦୁଧ୍‌ସାଗର ଜଳପ୍ରପାତ:** ଏହା ହେଉଛି ଗୋଆସ୍ଥିତ ଏକ ଲୋକପ୍ରିୟ ଜଳପ୍ରପାତ। ମାଣ୍ଡୋଭି ନଦୀରୁ ଏହା ବାହାରିଛି। ଏହା ଭାରତର ଏକ ଉଚ୍ଚତମ ଜଳପ୍ରପାତ ; ଯାହାର ଉଚ୍ଚତା ପ୍ରାୟ ୩୧୦ ମିଟର ହେବ। ଏତେ ଉଚ୍ଚରୁ ଉକ୍ତ ଜଳପ୍ରପାତର ପାଣି ଝରୁଥିବାବେଳେ ଏହା କ୍ଷୀର ବୋହିଲା ଭଳି ଦୂରରୁ ଦେଖାଯାଇଥାଏ। ସେଥିପାଇଁ ଏହାର ଏପରି ନାମକରଣ ହୋଇଥିବା କୁହାଯାଏ। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଚାହିଁଲେ ନିକଟରେ ଥିବା ଭଗୱାନ ମହାବୀର ଅଭୟାରଣ୍ୟ ଏବଂ ମୋଲେମ୍ ନ୍ୟାସନାଲ ପାର୍କ ଆଡ଼େ ବି ବୁଲିଯାଇ ନିଆରା ଅନୁଭୂତି ସାଉଁଟି ପାରିବେ।

**ଧୂଆଁଧାର୍ ଜଳପ୍ରପାତ:** ମଧ୍ୟପ୍ରଦେଶର ଜବଲପୁର ଜିଲାରେ ରହିଛି ଏହି ଲୋକପ୍ରିୟ ତଥା ଆକର୍ଷଣୀୟ ଜଳପ୍ରପାତ। ଏହା ମଧ୍ୟ ଭାରତର ଏକ ବଡ଼ ଜଳପ୍ରପାତ ଭାବେ ଖୁବ୍ ଖ୍ୟାତି ଅର୍ଜନ କରିପାରିଛି। ତେବେ ଏହାର ନାମକରଣକୁ ନେଇ ଗୋଟେ କଥା ଶୁଣିବାକୁ ମିଳେ ଯେ, ଏହି ଜଳପ୍ରପାତରୁ ସବୁବେଳେ ଖୁବ୍ ଜୋର୍‌ରେ ପାଣି ଝରୁଥାଏ ; ଯେଉଁଥିପାଇଁ ଏହାର ପାଣିକୁ ଦେଖିଲେ ତାହା ଦୂରରୁ ମେଞ୍ଚାଏ ଧୂଆଁ ଭଳି ଦେଖାଯାଏ। ସେଥିପାଇଁ ଏହାକୁ ଧୂଆଁଧାର୍ ଜଳପ୍ରପାତ ବୋଲି କୁହାଯାଇଥାଏ। ନର୍ମଦା ନଦୀରୁ ସୃଷ୍ଟି ହୋଇଥିବା ଏହି ଜଳପ୍ରପାତଟିର ଆଖପାଖ ପରିବେଶ ବି ଦେଖିବାକୁ ବେଶ୍ ମନୋରମ ହୋଇଥିବାରୁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।



**ଚିତ୍ରକୋଟ ଜଳପ୍ରପାତ:** ଛତିଶଗଡ଼ର ବସ୍ତର ଜିଲା ଅନ୍ତର୍ଗତ ଜଗଦଲ୍‌ପୁରଠାରେ ରହିଛି ଏହି ସୁନ୍ଦର ମନୋରମ ଜଳପ୍ରପାତଟି। ଇନ୍ଦ୍ରାବତୀ ନଦୀରୁ ବାହାରିଥିବା ଏହି ଜଳପ୍ରପାତଟିର ଉଚ୍ଚତା ମାତ୍ର ୨୯ ମିଟର ହୋଇଥିଲେ ହେଁ ଏହାର ଚଉଡ଼ା କିନ୍ତୁ ବହୁତ ଅଧିକ। ବର୍ଷାଦିନେ ତ ପାଖାପାଖି ୩୦୦ ମିଟର ପର୍ଯ୍ୟନ୍ତ ଏହାର ଚଉଡ଼ା ବଢ଼ିଯାଏ। ସେଥିପାଇଁ ତ ଏହାକୁ ଭାରତର ଅନ୍ୟତମ ଚଉଡ଼ା ଜଳପ୍ରପାତ ଭାବେ ଗଣାଯାଇଥାଏ। ବର୍ଷାଦିନେ ଏହି ଜଳପ୍ରପାତର ଦୃଶ୍ୟ ଦେଖିବାକୁ ଖୁବ୍ ଭୟଙ୍କର ଲାଗେ।



କେବଳ ଏତିକି ନୁହେଁ, ଭାରତରେ ଆହୁରି ଅନେକ ଏମିତି ଜଳପ୍ରପାତ ରହିଛି, ଯାହାର ଆକର୍ଷଣୀୟ ରୂପରେଖ ପର୍ଯ୍ୟଟକଙ୍କୁ କିଛିଟା ନିଆରା ଅନୁଭୂତି ଦେଇଥାଏ।







# ମୋନା ଲିସାର ରହସ୍ୟ



ଇଟାଲିର ମହାନ ଚିତ୍ରକର ଲିଓନାର୍ଡୋ ଦା ଭିନ୍ସିଙ୍କ ହାତର ଯାଦୁକରୀ ହେଉଛି ପୃଥିବୀ ପ୍ରସିଦ୍ଧ ମୋନା ଲିସା ପେଣ୍ଟିଂ। ୧୫୦୩ରୁ ୧୫୦୬ ମସିହା ମଧ୍ୟରେ ତିଆରି ଆରମ୍ଭ ହୋଇଥିବା ଏହି ପେଣ୍ଟିଂ ସମ୍ପୂର୍ଣ୍ଣ ହେବା ଲାଗି ୧୪ ବର୍ଷ ସମୟ ଲାଗିଥିଲା। ଏହା ଯେତିକି ରହସ୍ୟମୟ ସେତିକି ମୂଲ୍ୟବାନ। ତେବେ କେବେ ଭାବିଛନ୍ତି କି ଏହା ଏତେ ପ୍ରସିଦ୍ଧ କ'ଣ ପାଇଁ? କ'ଣ ରହିଛି ଏହି ପେଣ୍ଟିଂ ପଛର ରହସ୍ୟ? ଜାଣନ୍ତୁ ସେ ସମ୍ପର୍କରେ..

**ଚୋରି ପରେ ପ୍ରସିଦ୍ଧ:** ମୋନା ଲିସା ପେଣ୍ଟିଂ ଆରମ୍ଭରୁ ଏତେ ପ୍ରସିଦ୍ଧ ନ ଥିଲା। ୧୯୧୧ ମସିହା ଅଗଷ୍ଟ ୨୧ ତାରିଖରେ ଯେବେ ପ୍ୟାରିସର ଲୁଭ ମ୍ୟୁଜିୟମରୁ ଏହା ଚୋରି ହେଲା ତାହା ଚର୍ଚ୍ଚାକୁ ଆସିଗଲା। କାରଣ ଏତେ ବଡ଼ ସଂଗ୍ରହାଳୟରୁ ପେଣ୍ଟିଂ ଚୋରି ହେବାଟା ଛୋଟ କଥା ନ ଥିଲା। ପରେ ଜଣାପଡ଼ିଲା ସଂଗ୍ରହାଳୟର କର୍ମଚାରୀ ଭିନସେଞ୍ଜୋ ପେରୁଗିୟା ଏହାକୁ ଚୋରି କରିଥିଲେ ତାକୁ ଇଟାଲି ନେବା ଲାଗି। କାରଣ ତାଙ୍କ ମତରେ ଏହି ପେଣ୍ଟିଂ ହେଉଛି ଇଟାଲୀର ସମ୍ପତ୍ତି। ଏହି କାମ ପାଇଁ ପେରୁଗିୟାଙ୍କୁ ୬ ମାସର ଦଣ୍ଡ ଦିଆଗଲା। ହେଲେ ଇଟାଲୀର ଲୋକେ ତାଙ୍କୁ ଦେଶଭକ୍ତ ଭାବେ ଗ୍ରହଣ କରନ୍ତି।

**ରହସ୍ୟମୟ ପେଣ୍ଟିଂ:** ଏହି ପେଣ୍ଟିଂ ଯେତିକି ପ୍ରସିଦ୍ଧ ସେତିକି ରହସ୍ୟମୟ ମଧ୍ୟ। ପେଣ୍ଟିଂରେ ଯିଏ ଅଛନ୍ତି ତାକୁ ନେଇ ଅଲଗା ଅଲଗା ଦାବି କରାଯାଏ। କିଏ କହେ ପେଣ୍ଟିଂରେ ଫ୍ଲୋରେନ୍ସର ବ୍ୟବସାୟୀ ଫ୍ରାନ୍ସିସ୍କୋ ଡେଲ ଜିଓକାଣ୍ଡୋଙ୍କ ପତ୍ନୀ ଲିସା ଡେଲ ଜିଓକାଣ୍ଡୋ ଅଛନ୍ତି। ତା'ଛଡ଼ା ଏହାବି ଦାବି କରାଯାଏ ଯେ, ପେଣ୍ଟିଂରେ ଆଉ କିଏ ନୁହେଁ ବରଂ ନିଜେ ଲିଓନାର୍ଡୋ ଦା ଭିନ୍ସି ଅଛନ୍ତି। ଏଥିରେ ସେ ନିଜକୁ ଜଣେ ମହିଳାଭାବେ ଚିତ୍ରିତ କରିଛନ୍ତି। ତେବେ ପ୍ରକୃତରେ ପେଣ୍ଟିଂର ମହିଳା ଜଣକ କିଏ ତାହା ଏବେ ବି ରହସ୍ୟ ଘେରରେ। ଉକ୍ତ ପେଣ୍ଟିଂର ନାମ ଏମିତିରେ ମୋନା ଲିଜା। ହେଲେ ଏହାର ଉଚ୍ଚାରଣରେ ଅପଭ୍ରଂଶ ଘଟି ତାହା ମୋନା ଲିସାରେ ପରିଣତ ହୋଇଛି।

**ମୋନା ଲିସାର ହସ:** ମୋନା ଲିସା ପେଣ୍ଟିଂର ହସ ହେଉଛି ସବୁଠୁ ବଡ଼ ରହସ୍ୟ। ଯାହାକୁ ଅନେକ ବିଶେଷଜ୍ଞ ବିଭିନ୍ନ ସମୟରେ ଅଧ୍ୟୟନ କରିଛନ୍ତି। ଏହି ପେଣ୍ଟିଂକୁ ଅଲଗା ଅଲଗା ଏଙ୍ଗଲରୁ ଦେଖିଲେ ଏହାର ଭଙ୍ଗୀ ଭିନ୍ନ ଭିନ୍ନ ଦେଖାଯାଏ। ଗୋଟିଏ ଏଙ୍ଗଲରୁ ଦେଖିଲେ ଏହା ହସିଲା ପରି ଦେଖାଯାଉଥିବାବେଳେ ଅନ୍ୟ ଏଙ୍ଗଲରୁ ଦେଖିଲେ ଏହାର ହସ ଫିକାଲାଗେ। କିଛି ଏଙ୍ଗଲରୁ ତ ଏହାର ହସ ଆଦୌ ନ ଥିଲା ପରି ଲାଗେ। ତେବେ୨୦୦୦ ମସିହାରେ ହାର୍ଭାର୍ଡ ର ଜଣେ ନ୍ୟୁରୋସାଇଣ୍ଟିଷ୍ଟ ଏହି ପେଣ୍ଟିଂ ଉପରେ ଗବେଷଣା କରି କହିଛନ୍ତି ଯେ, ମୋନା ଲିସାର ହସ



ବଦଳି ନ ଥାଏ ବରଂ ମଣିଷର ମାନସିକତା ଯେମିତି ଥାଏ ପେଣ୍ଟିଂ ତାଙ୍କୁ ସେମିତି ଦେଖାଯାଏ। ଅର୍ଥାତ୍ ଯଦି ଜଣେ ଖୁସୀ ଅଛନ୍ତି ତାହା ତାଙ୍କୁ ହସିଲା ପରି ଦେଖାଯିବ ଓ ଦୁଃଖୀ ଥିଲେ ମୋନା ଲିସାର ହସ ଫିକା ଲାଗିବ। ତେବେ ସେ ଯାହା ବି ହେଉ ଏହି ପେଣ୍ଟିଂ ଏକ କଳାତ୍ମକ ଆଶ୍ଚର୍ଯ୍ୟ ଅଟେ। କୁହାଯାଏ ଏହାକୁ ତିଆରି କରିବା ଲାଗି ୧୪ ବର୍ଷ ସମୟ ଲାଗିଥିଲା। ଯେଉଁଥିରୁ କେବଳ ଓଠ ତିଆରି କରିବା ଲାଗି ଲିଓନାର୍ଡୋ ଦ ଭିନ୍ସିଙ୍କୁ ୧୨ ବର୍ଷ ଲାଗିଥିବା କୁହାଯାଏ। ୩୦ରୁ ଅଧିକ ଲେୟରରେ ତିଆରି ଏହି ପେଣ୍ଟିଂରେ କାଠର କୋଇଲା ବି ବ୍ୟବହାର ହୋଇଥିଲା। ପେଣ୍ଟିଂଟି ଦେଖିବାକୁ ବଡ଼ ଲାଗେ। କିନ୍ତୁ ଏହାର ଆକାର ବହୁତ ଛୋଟ।

**ହସରେ ପାଗଳ:** କୁହାଯାଏ ମୋନା ଲିସାର ହସ ପାଇଁ ପାଗଳ ହୋଇ ଫ୍ରାନ୍ସର ମାସପରୋ ନାମକ ଜଣେ ବ୍ୟକ୍ତି ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହାବାଦ ସଂଗ୍ରହାଳୟକୁ ମୋନା ଲିସା ପାଇଁ ଅନେକ ପ୍ରେମ ପତ୍ର ବି ଆସେ।

**ଆକ୍ରମଣର ଶିକାର ହୋଇଛି ମୋନା ଲିସା:** ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏହି ପେଣ୍ଟିଂ ଯେମିତି ଜର୍ମାନୀ ହାତରେ ନ ପଡୁ ସେଥିପାଇଁ ୬ ଥର ଭିନ୍ନ ଭିନ୍ନ ସ୍ଥାନରେ ଲୁଚାଯାଇଥିଲା। ୧୯୫୬ରେ ଥରେ ପର୍ଯ୍ୟଟକ ପେଣ୍ଟିଂ ଉପରକୁ ପଥର ମାଡ କରିଥିଲେ। ଫଳରେ ପେଣ୍ଟିଂର ବାମ ହାତରେ ଚିହ୍ନ ହୋଇଯାଇଥିଲା। ପରେ ଏହାକୁ ଠିକ କରାଗଲା। ଆଉ ଥରେ ତ ଜଣେ ପେଣ୍ଟିଂ ଉପରକୁ ଏସିଡ ଆକ୍ରମଣ କରିଥିଲେ। ତେଣୁ ପରବର୍ତ୍ତୀ ସମୟରେ ଏହାକୁ ବୁଲେଟ ପ୍ରୁଫ୍ କରାଗଲା। ଏବେ ୫୦୦ ବର୍ଷ ପୁରୁଣା ଏହି ମୋନା ଲିସା ପେଣ୍ଟିଂର ମୂଲ୍ୟ ୬୭୦୦ କୋଟିରୁ ଊର୍ଦ୍ଧ୍ୱ।

# ମଣିଷ ନା ୱାଟର ଫାଉଣ୍ଟେନ୍

କିଛି ପାର୍କରେ ପ୍ରତିମୂର୍ତ୍ତିର ପାଟିରୁ ପାଣି ବାହାରୁଥିବା ୱାଟର ଫାଉଣ୍ଟେନ ଦେଖିଥିବେ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତି ପାର୍କର ପ୍ରତିମୂର୍ତ୍ତି ପରି ଅନେକ ସମୟ ଧରି ଲଗାତାର ନିଜ ପାଟିରୁ ପାଣି ବାହାର କରିପାରନ୍ତି। ସେଥିପାଇଁ ସେ ହ୍ୟୁମାନ ୱାଟର ଫାଉଣ୍ଟେନ୍ ଭାବେ ପରିଚିତ। ସେହି ବ୍ୟକ୍ତି ଜଣକ ହେଛନ୍ତି ୩୫ ବର୍ଷୀୟ ମା ହୁଇ। ସେ ପାଟିରୁ ଲଗାତାର ପ୍ରାୟ ୬ ମିନିଟ ପର୍ଯ୍ୟନ୍ତ ପାଣି ବାହାର କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ଏହି ଟ୍ରିକ କରିବା ଲାଗି ସେ ଅନେକ ଅଭ୍ୟାସ୍ କରିଛନ୍ତି। ଏହି ଟ୍ରିକ୍ କରିବା ଲାଗି ସେ ପ୍ରଥମେ ୪.୫ ଲିଟର ପାଣି ପିଅନ୍ତି। ଏହାପରେ ମାଂସପେଶୀରେ ନିୟନ୍ତ୍ରଣ ରଖି ଧୀରେ ଧୀରେ ପାଟିରୁ ପାଣି ବାହାର କରନ୍ତି। ତାଙ୍କ ପାଟିରୁ ବାହାରୁଥିବା ପାଣି ଟ୍ୟାପ ଅନ୍ କଲେ ଯେମିତି ପାଣି ବହିଯାଏ, ସେହିଭଳି ଲାଗେ। ଏଭଳି କାରନାମାକୁ ଦେଖି ଲୋକଙ୍କ ଆଶ୍ଚର୍ଯ୍ୟର ସୀମା ରହେ ନାହିଁ।



# ଲାଞ୍ଚ ଶରଣଂ ଗଚ୍ଛାମି



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଥରେ ଜୀବେ ଦୟା ବିଷୟରେ ପ୍ରବଚନ ଶୁଣିଲା ପରେ ଉଦବୁଦ୍ଧ ହୋଇ ବାଟରେ ଯାଉଥିବା ଗାଈକୁ ଟିକେ ଆଉଁସି ଦେଲି । ଜାଗା ଅଜାଗାରେ ହାତ ବାଜିଗଲା କି କ'ଣ ଗାଈର ନାତ ଖାଇ ଘରେ କିଛିଦିନ ଶଯ୍ୟାଶାୟୀ ହେଲି। ଜଣେ କହିଲେ, ତୋର ଶନି ଦଶା ଚାଲିଛି କଳା ଷଣ୍ଢ ଦେଖି ଖାଇବାକୁ ଦେ । ମହାଦେବଙ୍କ ଆଶିଷ ପାଇଲେ ମହାଦଶା କଟିବ । କଳା ଷଣ୍ଢ କଥା ଶୁଣି ମୋର ହାଲତ ଆହୁରି ଖରାପ। କାରଣ ପ୍ରଥମେ ଯେଉଁ ଷଣ୍ଢର ଚିତ୍ର ମୋ ଆଖି ଆଗରେ ଭାସି ଆସିଲା ସେ ହେଲା ଆମ ଏରିଆରେ ଆତଙ୍କ ସୃଷ୍ଟି କରିଥିବା ବେଶ୍ ହୃଷ୍ଟପୁଷ୍ଟ କଳା ଷଣ୍ଢ । ତାକୁ ଖାଇବାକୁ ଦେବା ଦୂର କଥା ତା' ସାମ୍ନା ଦେଇ ଯିବାକୁ ଲୋକଙ୍କ ଡର। ପରିବା ଦୋକାନୀ ଡାଲାରୁ ଶାଗ ବିଡା ମୁହଁରେ ଧରିବ ମାନେ ଯେତେ ପିଟିଲେ ବି ଶାଗ ବିଡା ତା' ମୁହଁରୁ ଛଡେଇ ନେବା ମୁସ୍କିଲ । ଧରିଛି ମାନେ ଖାଇବ । ଅବଶ୍ୟ ତା'ର ଏହି ଅଭ୍ୟାସ ମୋତେ ବହୁତ ପ୍ରେରଣା ଦିଏ । ଲକ୍ଷ୍ୟ ପୂରଣର ରାସ୍ତା ଯେତେ କଷ୍ଟଦାୟକ ହେଲେ ବି ଲକ୍ଷ୍ୟ ପଥରୁ କେବେ ବିଚ୍ୟୁତ ହେବା କଥା ନୁହେଁ। ସେ ଯାହା ହେଉ ବହୁତ ସାହସ ସଞ୍ଚୟ କରି ଦିନେ ରୋଟି ନେଇ ସେ ଷଣ୍ଢକୁ ଖାଇବାକୁ ଦେଲି । ଷଣ୍ଢ ରୋଟି ଖାଇଲା ବେଳେ ତା' ମୁଣ୍ଡକୁ ଆଉଁସି ଦେଇ ମୁଣ୍ଡିଆ ମାରିଲି । ଆଶ୍ଚର୍ଯ୍ୟ, ସେ ଷଣ୍ଢ ଅତି ଆନନ୍ଦରେ ରୋଟି ଖାଇ ଚାଲିଗଲା ମୋର କୌଣସି କ୍ଷତି ନ ପହଞ୍ଚେଇ । ଏଇଥିରୁ ଦୁଇଟି କଥା ମୁଁ ଜୀବନରେ ଶିକ୍ଷା ଲାଭ କଲି । ପ୍ରଥମଟି ଅଯାଚିତ ଭାବେ କାହା ପ୍ରତି ସ୍ନେହ କି ଯତ୍ନ ଭାବ ଦେଖେଇଲେ, ଲାତ ଖାଇବା ଥୟ। ଆଉ ଦ୍ୱିତୀୟଟି ଲାଞ୍ଚ, କଠିନରୁ କଠିନ ହୃଦୟକୁ ତରଳେଇ ଦେବାର ସାମର୍ଥ୍ୟ ରଖେ ।

ଏହାପରେ ଏ ବିଷୟରେ ମୁଁ ଅଧିକ ଗବେଷଣା କରି ଜାଣିଲି, ଦେଶରେ ସାମ୍ୟବାଦ ଆଣିବାକୁ ହେଲେ ଲାଞ୍ଚ ଓ ଦୁର୍ନୀତିକୁ ଆଇନ ସମ୍ମତ କରିବାକୁ ହେବ। ସେ ଯେତେ ବଡ଼ ଅଫିସର ହୋଇଥାନ୍ତୁ ନା କାହିଁକି ତାଙ୍କୁ ଲାଞ୍ଚ ଦେଉଥିବା ଗରିବ ଲୋକକୁ ଅତି ସଦୟ ଦୃଷ୍ଟିରେ ଦେଖନ୍ତି । ମଧୁର କଥା ହୁଅନ୍ତି । ସୁବିଧା ଥିଲେ ଚା' ପାଣି ଦେଇ ଆପ୍ୟାୟିତ କରନ୍ତି । ଅଗ୍ରାଧିକାର ଭିତ୍ତିରେ ଆଗ ତାଙ୍କ କାମ କରନ୍ତି । ସେଠି ଗରିବ ଧନୀ, ବଡ଼ ସାନ, ବର୍ଣ୍ଣ ଆଦିର ଭେଦ ଭାବ ନ ଥାଏ । ଲାଞ୍ଚ ଦେଉଥିବା ଲୋକ ଓ ନେଉଥିବା ଲୋକ ଉଭୟଙ୍କ ଭିତରେ ଅଦ୍ଭୁତ ଭାଇଚାରାର ଭାବ ଥାଏ । ଲାଞ୍ଚ ନେଉଥିବା ଲୋକ ଦେଉଥିବା ଲୋକର ଧର୍ମ କି ଜାତି ପଚାରେନା । ଲାଞ୍ଚ ଏପରି ଏକ ଜାତି ଯେଉଁଠି ଭେଦଭାବ ନାହିଁ । କ୍ଷୀରରୁ ଲହୁଣି ବାହାର କରିବାରେ ଚରଖାର ଭୂମିକା ଯାହା ଅଧର୍ମକୁ ଧର୍ମରେ ପରିଣତ କରିବାରେ ଲାଞ୍ଚର ଭୂମିକା ତାହା। ବସ୍ତୁ ଭାରି ହେଲେ ତାହା ନିମ୍ନଗାମୀ ହୁଏ। କିନ୍ତୁ ଲାଞ୍ଚ ଭାରି ହେଲେ ତାହା ଭାଗ ହୋଇ ଉର୍ଦ୍ଧ୍ୱଗାମୀ ହୁଏ। ଲାଞ୍ଚ ଏପରି ଏକ ଜିନିଷ ଯାହାକୁ ମିଳି ମିଶି ଭାଗ ବାଣ୍ଟି ଖାଇବାକୁ ହୁଏ। ଅନ୍ୟମାନଙ୍କ ସହ ବାଣ୍ଟି ଖାଇବାରେ ବିଶ୍ୱାସ ରଖୁ ନ ଥିବା ସ୍ୱାର୍ଥୀ ବ୍ୟକ୍ତି ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଅର୍ଥନୀତିରେ ମୁଦ୍ରାର ବିନିମୟ ଚକ୍ର ଆଧାରରେ ଅନ୍ୟର କାମ କରିବା ପାଇଁ ଲାଞ୍ଚ ନେଉଥିବା ଲୋକ ନିଜ କାମ ପାଇଁ ଅନ୍ୟକୁ ଲାଞ୍ଚ ଦେଉଛି । ସେ ଲୋକ ପୁଣି ଅନ୍ୟକୁ ଏହିପରି ମୁଦ୍ରା ବିଭିନ୍ନ ହାତ ହୋଇ ଶେଷରେ ପ୍ରଥମ ବ୍ୟକ୍ତି ପାଖକୁ ଲାଞ୍ଚ ଆକାରରେ ଫେରି ଏକ ସମ୍ପୂର୍ଣ୍ଣ ଚକ୍ର ପୂରାକରୁଛି । ଅର୍ଥନୀତିଜ୍ଞ ଏୟା ହିଁ ଚାହାନ୍ତି । ମୁଦ୍ରା ସବୁବେଳେ ବଜାରରେ ଗତିଶୀଳ ହେଉଥାଉ । ତେଣୁ ନିଜେ ଲାଞ୍ଚ ନିଅନ୍ତୁ ଓ ନିଜ କାମ ପାଇଁ ଅନ୍ୟକୁ ମଧ୍ୟ ଲାଞ୍ଚ ଦିଅନ୍ତୁ । ଲାଞ୍ଚର ବଡ଼ଭାଇ ହେଲା ଦୁର୍ନୀତି। ବଡ଼ ବଡ଼ିଆ ଲାଞ୍ଚ ନେଲେ ତାକୁ ଦୁର୍ନୀତି କୁହାଯାଏ । ଲାଞ୍ଚ ଭଳି ଏଠି ଆଠେଣି ଚାରେଣିର କଥା ନ ଥାଏ। ଏଠି ସବୁ 'କୋ' କି 'ଲ' ଉପରେ କଥା ଚାଲେ । ଦେଶ ଯେତେ ଆଗଉଛି ଦୁର୍ନୀତିର ପରିମାଣ ସେତିକି ବଢୁଛି । ଅତିକମରେ ହଜାରେ କୋଟିର ଦୁର୍ନୀତି ନ ହେଲେ ତାହା ଦୁର୍ନୀତି ପଦବାଚ୍ୟ ନୁହେଁ ବୋଲି ଏବେ ଧରାଯାଉଛି। ଏକଦା ଜଣେ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ପାଞ୍ଚ ଶହ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆସିଲା। ଏଥିରେ ମନ୍ତ୍ରୀ ମହୋଦୟ



କ୍ଷୁବ୍ଧ ହେଲେ। ଯେଉଁଠି ରାଜ୍ୟର ସାଧାରଣ ମନ୍ତ୍ରୀ ଓ ଅମଲାମାନେ ମିଶି ହଜାରେ କୋଟିର ଦୁର୍ନୀତି କରି ହାକୁଟି ମାରିଦେଉଛନ୍ତି, ସେଠି ଜଣେ କେନ୍ଦ୍ରମନ୍ତ୍ରୀଙ୍କ ନାମରେ ମାତ୍ର ପାଞ୍ଚ ଶହ କୋଟିର ଦୁର୍ନୀତି ଅଭିଯୋଗ ତାଙ୍କ ପଦ ମର୍ଯ୍ୟାଦା ପ୍ରତି ଅପମାନ। ତିନି ଟ୍ରିଲିଅନ ଅର୍ଥନୀତିର ଦେଶରେ ଦଶ କୋଡିଏ ହଜାର କୋଟିର ଦୁର୍ନୀତି ନ ହେଲେ କ'ଣ ଶୋଭା ଦିଶିବ!! ଚତୁର ମଣିଷ ଭଗବାନଙ୍କୁ ବି ଲାଞ୍ଚୁଆ ବନେଇ ସାରିଲାଣି। ପ୍ରଭୁ ତୁମ କୃପାରୁ ମୋର ସେ କାମ ହୋଇଗଲେ ତୁମ ପାଇଁ ଏୟା କରିବି। ପ୍ରଭୁ ହେଲେ ତ୍ରିକାଳଦର୍ଶୀ ସବୁ ଜାଣନ୍ତି । ଟଙ୍କିକିଆ କଏନ ଦାନ ବାକ୍ସରେ ପକାଉଥିବା ଭକ୍ତ କାମ ହେଲେ ଯେଉଁ ରୁପା ମୁକୁଟ ଦେବ ବୋଲି କହୁଛି ସେଥିରେ ସତ୍ୟତା କେତେ। ଜଟା ହୋଇଯାଇଥିବା ମୁଣ୍ଡର ଜନ୍ମ ବାଳ ଦେଇ ଦୀର୍ଘାୟୁ ବର ମାଗୁଥିବା ଲୋକ କିମ୍ୱା ଶୁଖିଲା ଉଖୁଡ଼ା ଓ ଆଙ୍ଗୁଠି ସାଇଜର ପୂଜା କଦଳୀ ଦେଇ ପରୀକ୍ଷାରେ ପାସ ହେବା ବର ମାଗୁଥିବା ଛାତ୍ରକୁ ପ୍ରଭୁ ହାଡ଼େ ହାଡ଼େ ଚିହ୍ନନ୍ତି ଓ ସେଇ ଅନୁଯାୟୀ କୃପା କରନ୍ତି। ମନ୍ଦିରରେ ମାର୍ବଲ ବିଛେଇ ପ୍ରଭୁଙ୍କୁ ସୁନା ମୁକୁଟ ଦେଉଥିବା କଣ୍ଟ୍ରାକ୍ଟରକୁ କୋଟି କୋଟି ଟଙ୍କାର କାମ ପ୍ରତିବର୍ଷ ମିଳେ । ପ୍ରଭୁଙ୍କ କୃପାରୁ ପ୍ରତିବର୍ଷ ବର୍ଷା ଯୋଗୁ ରାସ୍ତା ଧୋଇ ହୋଇଯାଏ ଓ କଣ୍ଟ୍ରାକ୍ଟରକୁ ରାସ୍ତା ତିଆରି ପାଇଁ ପୁନଃ କାମ ମିଳୁଥାଏ ଏବଂ ସେହି ଅନୁପାତରେ ପ୍ରଭୁ ନିଜେ ସୁନା ଛାଉଣୀ ହେବା ସହ ତାଙ୍କ ମନ୍ଦିରର ଉନ୍ନତି ହୋଇ ଚାଲିଥାଏ। ତେଣୁ ଲାଞ୍ଚ ଦେବାରେ କାର୍ପଣ୍ୟ ଦେଖେଇବା ଲୋକର କୌଣସି କାର୍ଯ୍ୟ ସିଦ୍ଧ ହୁଏନି। ଲାଞ୍ଚ ସବୁବେଳେ ଖୋଲା ମନରେ, ବଡ଼ ଶ୍ରଦ୍ଧାରେ ଓ ଅତ୍ୟନ୍ତ ବିନମ୍ରତାର ସହ ଦେବା ଉଚିତ। କୁହାଯାଏ ଜ୍ଞାନ ବାଣ୍ଟିଲେ ବଢ଼େ। ମୁଁ ଏଯାବତ୍ ଯେତିକି ସଚ୍ଚୋଟ କର୍ମଚାରୀଙ୍କୁ ଲାଞ୍ଚୁଆ କରିସାରିଛି ତାହା ମୋ ଜୀବନର ଅନ୍ୟତମ ପ୍ରମୁଖ ଉପଲବ୍ଧି ବୋଲି ମୁଁ ଭାବେ। ଆପଣା ମୁଖରେ ଆପଣା ପ୍ରଶଂସା କରିବାକୁ ବଡ଼ ଲାଜ। ଆଜି ବି ରାସ୍ତାରେ କେଉଁ ପରିଚିତ ଲାଞ୍ଚୁଆ ବ୍ୟକ୍ତି ଦେଖାହୋଇଗଲେ ଅତ୍ୟନ୍ତ ସମ୍ମାନ ଦେଖାନ୍ତି। କେହି ପଚାରିଲେ ମୋ ବିଷୟରେ ଭାବପ୍ରବଣ ହୋଇ କୁହନ୍ତି- ପ୍ରଥମେ ମୁଁ ବେଶ୍ କର୍ମଠ ଓ ସଚ୍ଚୋଟ ଥିଲି । ମୋ ଜୀବନର ପ୍ରଥମ ଲାଞ୍ଚ ବାଧକରି ଏଇ ସାର୍ ମୋର ଅନିଚ୍ଛା ସତ୍ତ୍ୱେ ମୋ ପକେଟରେ ଗୁଞ୍ଜି ଦେଇଥିଲେ । ଆଦରରେ କହିଥିଲେ, ଟିକେ ଦେଖିବେ । ମୁଁ ତାଙ୍କ କାମ ଦେଖିଲି, ଆଉ ସେ ମୋତେ। ଆସ୍ତେ ଆସ୍ତେ ସେ ମୋତେ ଲାଞ୍ଚର ଅନେକ ସୂକ୍ଷ୍ମ ଉପାୟ ବତେଇଦେଲେ। ମହାଶୟଙ୍କ ଦୁଇଟି କଥା ମୋତେ ବହୁ ମାତ୍ରାରେ ପ୍ରଭାବିତ କରିଛି । ପ୍ରଥମଟି ହେଲା ଲାଞ୍ଚ ଦେଉଥିବା ଲୋକ ସର୍ବଦା ମନେରଖିବା ଉଚିତ ଯେ ଆମେ ଇନ୍ଦ୍ରଦ୍ୟୁମ୍ନଙ୍କ ବଂଶଜ। ଡାହାଣ ହାତ ଲାଞ୍ଚ ଦେଉଛି ବୋଲି ଯେମିତି ବାମ ହାତ ଜାଣି ଗର୍ବ ନ କରୁ। ଏଣୁ ଦେଉଥିବା ଲୋକ ଅତ୍ୟନ୍ତ ସନ୍ତର୍ପଣ ଓ ସତର୍କତାର ସହ ଲାଞ୍ଚ ଦେବା ଉଚିତ। ଠିକ୍ ସେହିପରି ନେଉଥିବା ଲୋକ ମନେରଖିବା ଉଚିତ ଯେ ସେ ବଉଳା ଗାଈ ପ୍ରଜାତିର । ଥରେ ଲାଞ୍ଚ ନେଇ କଥା ଦେଇଛ ମାନେ କାର୍ଯ୍ୟ କରିବାକୁ ହେବ । ତେଣିକି ନିଜ ପିଲାକୁ ଛାଡି ବାଘ ପାଖକୁ ଯିବାକୁ ପଡିଲେ ବି ସହି ନଚେତ ଲୋକଙ୍କ ବିଶ୍ୱାସ ଭାଙ୍ଗିଯିବ। କାମ ଏମିତି କରିବ ଯେମିତି ଆଗାମୀ ଶହେ ବର୍ଷ ପରେ ଯଦି କିଏ ଆଜିର ଫାଇଲ ଖୋଲି ଦେଖିବ ତେବେ କହିବ ଏ କାଳ ଖଣ୍ଡରେ ଯାହା ବି କାର୍ଯ୍ୟ ହୋଇଛି ତାହା ଠିକ ଭାବେ ବିଭାଗୀୟ ମାର୍ଗଦର୍ଶିକା ଓ ଆଇନର ପରିସର ଭିତରେ ହୋଇଛି । କୌଣସି ଅନିୟମିତତା ହୋଇନି। ତେଣୁ ଜଣେ ଉତ୍ତମ ଲାଞ୍ଚୁଆ ଅଧିକାରୀର ଗୁଣ ହେଲା ସବୁ ବେନିୟମ କାଗଜପତ୍ରକୁ ଏମିତି ତିଆରି କରିବ ଯେମିତି ତାହା ନିୟମ ଅନ୍ତର୍ଗତ ବୋଲି ପ୍ରମାଣିତ ହେଉଥିବ। ମୁଁ ଏହି ଗୁରୁବାଣୀକୁ ଜୀବନର ବ୍ରତ ଭାବି କାନିରେ ଗଣ୍ଠି ବାନ୍ଧିଲା ଭଳି ମନେରଖିଛି । କେବଳ ଏଇ ବାବୁଙ୍କ ଯୋଗୁ ଆଜି ସହରରେ ମୋର ତିନିଟା ଅଟ୍ଟାଳିକା, ଚାରିଟା ଗାଡି । ଦିନକୁ ଦିନ ମୋର ଉନ୍ନତି ହେବାରେ ଲାଗିଛି । ସବୁ କାମ ପାଇଁ ଫିକ୍ସ ରେଟ ଅଛି । ଲୋକ ଆସୁଛନ୍ତି ବିନା ଧାଁ ଦୌଡ଼ରେ ଖୁସି ଖୁସି କାମ ଅନୁଯାୟୀ ଧାର୍ଯ୍ୟ ମୂଲ୍ୟ ଦେଉଛନ୍ତି । ମୁଁ ବି ଖୁସି, ଖୁସିରେ ସେମାନଙ୍କ କାମ କରିଦେଉଛି । ଏହି ବାବୁ ନ ଥିଲେ ଆଜି ଯାଏ ହୁଏତ ମୁଁ ସେଇ ଭଙ୍ଗା ସାଇକେଲ ପେଲୁଥାନ୍ତି। ସେ ମଣିଷ ନୁହନ୍ତି ତ ମୋ ପାଇଁ ସାକ୍ଷାତ ଦେବତା। ମୋ ଭଳି ଅନେକ ଲୋକଙ୍କ ଜୀବନ ସୁଧାରିବାରେ ସାରେଙ୍କ ଅବଦାନ କହିଲେ ନ ସରେ।

*-ବନମାଳୀ ଭବନ, ଖାନ୍ ନଗର, କଟକ*

*ମୋ:୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଦିବ୍ୟାଲୋକ ସନ୍ଧାନେ

**ଏପ୍ରିଲ -ଜୁନ -୨୦୨୪ ସଂଖ୍ୟା, ମୂଲ୍ୟ:୩୦/-**
**ମୁଖ୍ୟ ସମ୍ପାଦକ - ଡଃ ଶରତ କୁମାର ରଥ**
**ତେଲେଙ୍ଗାପେଣ୍ଠ, କଟକ**

ଦୀର୍ଘ ୨୩ ବର୍ଷ ହେଲା ପ୍ରକାଶିତ ହୋଇ ଆସୁଥିବା ଓଡ଼ିଶାର ଲୋକପ୍ରିୟ ତ୍ରୟ-ମାସିକ ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ଏପ୍ରିଲ ସଂଖ୍ୟା ଆମର ହସ୍ତଗତ ହୋଇଛି । ଏଥର ପ୍ରଚ୍ଛଦପଟରେ ସ୍ୱାମୀ ଶୁଦ୍ଧାନନ୍ଦ ସରସ୍ୱତୀଙ୍କ ଫଟୋ ସ୍ଥାନିତ ହୋଇଥିବା ବେଳେ ଭିତର ପୃଷ୍ଠାରେ ପଦ୍ମଶ୍ରୀ ଡଃ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଧାରାବାହିକ ଶ୍ରୀଜଗନ୍ନାଥ କଥା, ଡଃ ଛାୟାକାନ୍ତ ଷଡ଼ଙ୍ଗୀ, ବିଶିଷ୍ଟ ଆଧାତ୍ମିକ ପୁସ୍ତକକାର ଶ୍ରୀସନ୍ନ୍ୟାସୀ ଜୀଙ୍କ 'ସିଂହଦ୍ୱାର', ଦେବର୍ଷି ନାରଦଙ୍କ ଧାର୍ମିକ କଟାକ୍ଷଯୁକ୍ତ ନିୟମିତ ସ୍ତମ୍ଭ 'ନାରାୟଣ...



ଶ୍ରୀମନ ନାରାୟଣ', ରାଜେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ 'ଶ୍ରେଷ୍ଠ ଆଧାତ୍ମିକ ପୁସ୍ତକ', ସ୍ୱାମୀ ଭଗବତାନନ୍ଦଙ୍କ 'ମୁଁ କାହିଁକି ସାଧୁ ହେଲି?, ଲିଙ୍ଗରାଜ ମହାନ୍ତିଙ୍କ ଧାରାବାହିକ ଭାଗବତ କଥା ଆଦି ବହୁ ଉପାଦେୟ ଲେଖାରେ ପତ୍ରିକାଟି ସମୃଦ୍ଧ । ପତ୍ରିକାଟି ଧର୍ମନିଷ୍ଠ ପାଠକଙ୍କ ଆଧାତ୍ମିକ ତୃଷ୍ଣାକୁ ମେଣ୍ଟାଇବାର ଆଶା ରଖେ।

### ତୁଳସୀ କ୍ଷେତ୍ର ପରିଚୟ ଓ ପ୍ରଶ୍ନୋତ୍ତରୀ

**ଡକ୍ଟର ବାସୁଦେବ ଦାସ, ବୀଣାପାଣି ଚୌଧୁରୀ**
**ଓମ୍ ପ୍ରକାଶନ, ଗଜପତି ନଗର, ଭୁବନେଶ୍ୱର, ମୂଲ୍ୟ-୫୧ଟଙ୍କା**

ପୁସ୍ତକରେ ୫ଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ ତୁଳସୀକ୍ଷେତ୍ର ପରିଚୟ, ଦ୍ୱିତୀୟ ଅଧ୍ୟାୟରେ ପୌରାଣିକ ତଥ୍ୟ, ତୃତୀୟ ଅଧ୍ୟାୟରେ କଳିଯୁଗ-ଐତିହ୍ୟ-ପରମ୍ପରା, ଚତୁର୍ଥ ଅଧ୍ୟାୟରେ ଧାର୍ମିକ ଚେତନା ଓ ପଞ୍ଚମ ଅଧ୍ୟାୟରେ ମ୍ୟୁନିସିପାଲିଟି ରହିଛି। ଏଥିରେ କେନ୍ଦ୍ରାପଡାରେ ଅବସ୍ଥିତ ସିଦ୍ଧ



ବଳଦେବଜୀଉଙ୍କ ଉପରେ ପ୍ରଶ୍ନୋତ୍ତରୀ ରହିଛି। ପ୍ରାଚୀନ ଉତ୍ତର ତୋଷାଳୀ ହିଁ ତୁଳସୀ କ୍ଷେତ୍ରର ପ୍ରକୃତ ପରିଚୟ। ତୁଳସୀ କନ୍ଦାସୁରର କନ୍ୟା ତଥା ବଳଦେବଜୀଉଙ୍କ ଶକ୍ତିରେ ପରିଣତ ହେବା ଶାକ୍ତ ପରମ୍ପରାରେ ତୁଳସୀ କିପରି ବିବର୍ତ୍ତିତ ତାହା ଏହି ପୁସ୍ତକରେ ଆଲୋଚନା କରାଯାଇଛି। ପୁସ୍ତକଟି ବଳଦେବଜୀଉଙ୍କ ଉପରେ ସଂକ୍ଷିପ୍ତ ପ୍ରଶ୍ନୋତ୍ତରୀ ହେଲେ ମଧ୍ୟ ତାହା ସବୁ ବର୍ଗ ପାଠକଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ।

### ପତ୍ର - ପ୍ରତ୍ୟୟ

**ସମ୍ପାଦନା: ମାଧବାନନ୍ଦ ପାତ୍ର, ସ୍ୱୟଂଶିଦ୍ଧା ଫାଉଣ୍ଡେଶନ**
**ଭୁବନେଶ୍ୱର-୨୧, ମୂଲ୍ୟ-୨୫୦ଟଙ୍କା**

ଏହି ସଂକଳନରେ ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ସହିତ ଯେଉଁମାନେ ଛାତ୍ର ଜୀବନରୁ ଜଡିତ ସେମାନଙ୍କ ଚିଠି ଏଥିରେ ସ୍ଥାନିତ ହୋଇଛି । ଚିଠିଗୁଡିକରୁ ଜଣେ ଶିକ୍ଷକଙ୍କୁ ତାଙ୍କ ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁମାନେ କେତେ ଭଲ ପାଆନ୍ତି ସ୍ପଷ୍ଟ ଜଣାପଡେ। ହଳଦିଆ ପଡି ଆସୁଥିବା ଚିଠି ପାଠ କଲାବେଳେ ମଣୀନ୍ଦ୍ରଙ୍କ ଆଖିରେ ନାଚି ଯାଉଥିଲା ବରପାଲି, ସମ୍ବଲପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ସେ ପୁରୁଣା ଦିନର ଅନେକ ସ୍ମୃତି ଆଉ ସେଇ ପିଲାଙ୍କ ମୁଖମଣ୍ଡଳ। ଛାତ୍ରଛାତ୍ରୀଙ୍କ ସୁଖ ଦୁଃଖର ସାଥୀ ହେବା, ଜୀବନର ଉତ୍ତମ ପଥରେ ଯାତ୍ରା କରିବାକୁ



ମାର୍ଗ ଦର୍ଶନ ଦେବା ହିଁ ଜଣେ ଉତ୍ତମ ତଥା ଶ୍ରେଷ୍ଠ ଗୁରୁଙ୍କର କିପରି ଲକ୍ଷଣ ହୋଇପାରେ ତାହା ଚିଠିରୁ ପ୍ରମାଣିତ ହେଉଛି। ଏହି ଚିଠିଗୁଡିକ ପୁସ୍ତକ ଆକାରରେ ପ୍ରକାଶ କରି ସାଇତି ରଖିବାର ଉଦ୍ୟମ କରାଯାଇଛି ପତ୍ର-ପ୍ରତ୍ୟୟ ପୁସ୍ତକ ମାଧ୍ୟମରେ। ଚିଠି ସାହିତ୍ୟ ପରମ୍ପରାରେ ଏ ପୁସ୍ତକ ଏକ ନୂତନ ପରମ୍ପରା ସୃଷ୍ଟି କରିବ ବୋଲି ଆଶା।

# କ୍ୟାମେରା ପରି ଘର

ଫଟୋଗ୍ରାଫିର ସଉକ ରଖୁଥିବା ମଣିଷର କ୍ୟାମେରା କେତେ ପ୍ରିୟ ତାହା ସମସ୍ତେ ଜାଣନ୍ତି। ଜୀବନଠୁ ବେଶି ନିଜର ହୋଇଥାଏ ତାଙ୍କ କ୍ୟାମେରା। ବେଲଗାଓଁର ୫୦ ବର୍ଷୀୟ ରବି ହୋଙ୍ଗଲ ଯେକି ଜଣେ ପେସାଦାର ଫଟୋଗ୍ରାଫର ତାଙ୍କର ବି ନିଜ କ୍ୟାମେରା ପ୍ରତି ଅଛି ଅତ୍ୟନ୍ତ ଭଲ ପାଇବା। ଆଉ ସେ ନିଜର ଏହି ଭଲ ପାଇବାକୁ ଦର୍ଶାଇବା ଲାଗି ଆପଣାଇଛନ୍ତି ଏକ ଅଭିନବ ଉପାୟ। ପ୍ରଥମେ ତ ସେ ନିଜ ତିନି ପୁଅର ନାମ କ୍ୟାମେରାର କିଛି ଟପ୍ ବ୍ରାଣ୍ଡ ଯେମିତିକି କ୍ୟାନନ୍, ନିକୋନ୍ ଓ ଏପ୍ସନ ନାମରେ ନାମିତ କରିଛନ୍ତି। ଏହାବାଦ ସେ ନିଜ ତିନି ମହଲାବିଶିଷ୍ଟ ଘରର ଆକୃତି ପୁରାପୁରି ଏକ ବିରାଟକାୟ ଭିନଟେଜ୍ କ୍ୟାମେରା ଭଳି କରିଛନ୍ତି। ତା'ସହ ଘରର ଝରକାକୁ କ୍ୟାମେରା ଲେନ୍ସ ଓ ଫ୍ଲାଶ ଏବଂ ବିରାଟ ଏସ୍‌ଡି କାର୍ଡ




ଭଳି କରିଛନ୍ତି। କେବଳ ସେତିକି ନୁହେଁ, ତାଙ୍କ ଘରର ଇଣ୍ଟେରିୟର ବି କ୍ୟାମେରାର ବିଭିନ୍ନ ପାର୍ଟ ଭଳି କରାଯାଇଛି। ରବି କୁହନ୍ତି, 'ପିଲାଦିନୁ ମୋର ଫଟୋଗ୍ରାଫି ପ୍ରତି ସଉକ ଥିଲା। ଆଉ ବିଶ୍ୱାସ ଥିଲା ଯେ, ଫଟୋଗ୍ରାଫିକୁ ଦିନେ ପେସା କରି ଭଲରେ ଚଳିବି। ଶେଷରେ ନିଜର ଫଟୋ ଷ୍ଟୁଡିଓ କଲି। ସେଥିରୁ ଭଲ ରୋଜଗାର ବି ହେଲା। ତେବେ ଫଟୋଗ୍ରାଫି ପ୍ରତି ଥିବା ମୋର ଭଲ ପାଇବାକୁ ଦର୍ଶାଇବା ଲାଗି ମୁଁ ମୋ ତିନି ପୁଅ ବିଭିନ୍ନ କ୍ୟାମେରା ବ୍ରାଣ୍ଡରେ ନାମିତ କରିବା ସହ ଘରକୁ କ୍ୟାମେରା ପରି ତିଆରି କଲି।'

ବ୍ୟାକ୍ ପେଜ୍



# ଆଲିସ୍ ଇନ୍ ୱାଣ୍ଡରଲାଣ୍ଡ ହିଲ୍ସ

ପରୀ ରାଇଜର କଥା କାହାକୁ ବା ଆକର୍ଷିତ ନ କରେ। ପିଲାମାନଙ୍କୁ ତ ଏଭଳି କାହାଣୀ ଶୁଣିବାକୁ ବେଶି ଭଲ ଲାଗେ। ଆଉ ସେମିତି ଏକ ଦୁନିଆକୁ ଯିବାକୁ ମଧ ଚାହାନ୍ତି। ତା'ଛଡ଼ା କେହି କେହି ପରୀ ଭଳି ପୋଷାକ ପିନ୍ଧିବାକୁ ଭଲ ପାଆନ୍ତି ତ କିଏ ପରୀ ପରି ସଜେଇହେବାକୁ ଭଲ ପାଆନ୍ତି। ଖାସ୍ ଏହାକୁ ନଜରରେ ରଖି ବ୍ରିଟିଶ ସୁଜ୍ କମ୍ପାନୀ 'ଇରେଗୁଲାର୍ ଚଏସ୍' ଡିଜନୀ କ୍ୟାରେକ୍ଟ ଆଲିସ୍‌କୁ ନେଇ ପ୍ରସ୍ତୁତ କରିଛି ଫୁଟୱେର କଲେକ୍ସନ। ଏହି ଫୁଟୱେରଗୁଡ଼ିକ ଖୁବ ସୁନ୍ଦର। ସେଥିରେ ଆଲିସ୍‌ର କାଳ୍ପନିକ ଦୁନିଆର ଝଲକ ଦେଖିବାକୁ ମିଳେ। ଏହାର ହାଇ ହିଲଗୁଡ଼ିକରେ ସୁନ୍ଦର ପରୀ, ଫୁଲ, ଡାଳର ଡିଜାଇନ୍ ସହ ହିଲ୍ ସ୍ଥାନରେ ଆଲିସ୍‌ର କଣ୍ଢେଇ ଦେଖିବାକୁ ମିଳେ। ଲାଗେ ସତେ ଯେମିତି କୁନି ଆଲିସ୍ ଜୋତାକୁ ମୁଣ୍ଡରେ ଟେକି ଧରିଛି। ଏହା ଦେଖିବାକୁ ଯେତିକି ସୁନ୍ଦର ସେତିକି କ୍ୟୁଟ ବି ଲାଗେ।





# ଜୀବନ୍ତ କଣ୍ଢେଇ

ଯେବେ ସେ ରାସ୍ତାରେ ଯାଆନ୍ତି, ସମସ୍ତେ ତାଙ୍କୁ ଅବାକ୍ ହୋଇ ଚାହିଁ ରହନ୍ତି। କାରଣ ତାଙ୍କୁ ଦେଖିଲେ ଲାଗେ ସତେ ଯେମିତି ଏକ ଜୀବନ୍ତ କଣ୍ଢେଇ ରାସ୍ତାରେ ଚାଲୁଛି। କଣ୍ଢେଇ ପରି ମୁହଁ, କଣ୍ଢେଇ ପରି ହାତ,ଗୋଡ। ଲୋକେ ପାଖକୁ ଆସି ନିରିଖେଇ ଦେଖନ୍ତି। ତେବେ କଣ୍ଢେଇ ପରି ଦେଖାଯାଉଥିଲେ ହେଁ ପ୍ରକୃତରେ ସେ ଜଣେ ଯୁବତୀ। ଯାହାଙ୍କ ନାଁ ଲୁଲୁ ହଶିମୋତୋ। ପୃଥିବୀର ପ୍ରଥମ 'ଲିଭିଂ ଡଲ୍ ଫ୍ୟାଶନ୍' ମଡେଲ ଭାବେ ସେ ପରିଚିତ। ପ୍ରକୃତ କଥା ହେଲା ହଶିମୋତୋ କଣ୍ଢେଇ ପରି ବଡି ସୁଟ୍ , ଡଲ୍ ହେଡ ମାସ୍କ, ୱିଗ୍ ଏବଂ ଡଲ୍ ଭଳି ଜଏଣ୍ଟ ଥିବା ପ୍ୟାଟର୍ଣ୍ଣର ଷ୍ଟକିଂସ୍ ପିନ୍ଧନ୍ତି। ଏମିତିରେ ତ ବହଳ ମେକ୍‌ଅପ୍ ଓ କଣ୍ଢେଇ ପରି ପୋଷାକ ପିନ୍ଧି ଡଲ୍ ଗେଟ୍‌ଅପ୍ ନେଉଥିବା ଅନେକ ଝିଅ ଅଛନ୍ତି। କିନ୍ତୁ ହଶିମୋତୋଙ୍କ କଥା ଅଲଗା। ହଶିମୋତୋଙ୍କୁ ଏଭଳି ରୂପ ଦେଇଛନ୍ତି ୨୩ ବର୍ଷୀୟ ଫ୍ୟାଶନ ଡିଜାଇନର୍ ହିତୋମି କୋମାକି। ଦିନେ ସେ ଏକ ବାସ୍ତବ ଲାଗୁଥିବା ଡଲ୍ ହେଡ୍ ଦେଖି ତାକୁ ତିଆରି କରିଥିବା ନୁକୋପାନ୍ ଟିମ୍ ସହ ଯୋଗାଯୋଗ କରିଥିଲେ। ଆଉ ଏଭଳି ସତସତିକା ଡଲ୍ କରିବାର ଯୋଜନା କଲେ। ତା'ସହ ବଲ୍ ଜଏଣ୍ଟ ଷ୍ଟକିଂସ୍ ଓ ବଡି ସୁଟ୍ ବି ତିଆରି କଲେ। ତାକୁ ଲୁଲୁଙ୍କୁ ପିନ୍ଧାଇଲେ। ଫଳରେ ଲୁଲୁ ଲାଗିଲେ ସତସତିକା କଣ୍ଢେଇ ପରି। ଆଉ ୨୦୧୬ ଜୁଲାଇ ୧୧ ତାରିଖରେ ସେ ପୃଥିବୀର ପ୍ରଥମ ଲିଭିଂ ଡଲ୍ ଫ୍ୟାଶନ୍ ମଡେଲ୍ ପାଲଟିଲେ।

